## ପଞ୍ଚ ପାଇଲା ସାଥୀ

ସୋସିଆଲ ମିଡିଆରେ ନିଜର ଏକୁଟିଆପଣ ପାଇଁ ଚର୍ଚ୍ଚାରେ ଥିବା ଜାପାନର କୁନି ମାଙ୍କଡ଼ 'ପଞ୍ଚ'କୁ ଶେଷରେ ଜଣେ ନୂଆ ସାଥୀ ମିଳିଯାଇଛି । ଜନ୍ମ ପରେ ମା' ତାକୁ ଗ୍ରହଣ କରିବାକୁ ମନା କରିଦେବା ଏବଂ ଅନ୍ୟ ମାଙ୍କଡ଼ମାନଙ୍କ ଆକ୍ରମଣର ଶିକାର ହେବା ପରେ ପଞ୍ଚ ଅତ୍ୟନ୍ତ ଅସହାୟ ହୋଇପଡ଼ିଥିଲା । ସେହି ସମୟରେ 'ଓରା-ମାମା' ନାମକ ଏକ ଖେଳନା ମାଙ୍କଡ଼ ହିଁ ତା'ର ଏକମାତ୍ର ସାହାରା ପାଲଟିଥିଲା, ଯାହାର ଫଟୋ ସାରା ବିଶ୍ୱରେ ଭାଇରାଲ୍ ହୋଇଥିଲା । ତେବେ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ପଞ୍ଚ ଏବେ ଧୀରେ ଧୀରେ ଅନ୍ୟ ମାଙ୍କଡ଼ମାନଙ୍କ ସହ ମିଶିବା ଆରମ୍ଭ କରିଛି । ଯାହାଫଳରେ 'ମୋମୋ-ଚାନ' ନାମକ ଏକ ମାଙ୍କଡ଼ ସହ ତା'ର ଗଭୀର ବନ୍ଧୁତା ହୋଇଛି । ବର୍ତ୍ତମାନ ପଞ୍ଚ ଏବଂ ମୋମୋ-ଚାନଙ୍କ ଏକାଠି ଖେଳିବା ଓ ପରସ୍ପରକୁ କୁଣ୍ଢାଇ ଧରିବାର ଭିଡିଓ ପୃଥିବୀରେ ଲୋକଙ୍କ ହୃଦୟ ଜିଣିବାରେ ଲାଗିଛି । ଯାହା ପ୍ରମାଣ କରୁଛି ଯେ ପ୍ରକୃତ ସ୍ନେହ ଓ ବନ୍ଧୁତା ଯେକୌଣସି ଦୁଃଖକୁ ଦୂର କରିପାରେ ।



## ବିଶ୍ୱ ଯକ୍ଷ୍ମା ଦିବସ

ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ପାଳିତ ହେଉଥିବା 'ବିଶ୍ୱ ଯକ୍ଷ୍ମା ଦିବସ' । ଏହି ଦିବସ ଏକ ସୁସ୍ଥ ସମାଜ ଗଠନ ପାଇଁ ସଚେତନତାର ବାର୍ତ୍ତା ବହନ କରେ । ଏହି ଦିବସର ଇତିହାସ ୧୮୮୨ ମସିହାର, ଏହି ସମୟରେ ଡାକ୍ତର ରବର୍ଟ କୋଚ୍ ଯକ୍ଷ୍ମା ପାଇଁ ଦାୟୀ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକୁଲୋସିସ୍' ବ୍ୟାକ୍ଟେରିଆ ଆବିଷ୍କାର କରି ଚିକିତ୍ସା ବିଜ୍ଞାନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ଏହି ଦିନଟିର ପ୍ରାସଙ୍ଗିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଯକ୍ଷ୍ମା ଏବେ ମଧ୍ୟ ବିଶ୍ୱର ସବୁଠାରୁ ମାରାତ୍ମକ ସଂକ୍ରାମକ ରୋଗ ମଧ୍ୟରୁ ଅନ୍ୟତମ । ଏହା ମୁଖ୍ୟତଃ ଶରୀରର ଫୁସଫୁସକୁ ପ୍ରଭାବିତ କରିଥାଏ । ଦୀର୍ଘ ସମୟ କାଶ, ଜ୍ୱର ଓ ଓଜନ ହ୍ରାସ ପାଇବା ଭଳି ଲକ୍ଷଣକୁ ଚିହ୍ନଟ କରି ସଠିକ୍ ସମୟରେ ଚିକିତ୍ସା କଲେ ଏହି ରୋଗରୁ ସମ୍ପୂର୍ଣ୍ଣ ମୁକ୍ତି ମିଳିପାରିବ ।



'ଟିବି ମୁକ୍ତ ଭାରତ' ଅଭିଯାନ ମାଧ୍ୟମରେ ରୋଗୀଙ୍କୁ ମାଗଣା ଔଷଧ ଓ ପୋଷଣ ସହାୟତା ଯୋଗାଇ ଦିଆଯାଉଛି, ଯାହା ଏହି ଲଢ଼େଇକୁ ଅଧିକ ଶକ୍ତିଶାଳୀ କରୁଛି । ସାମୂହିକ ସଚେତନତା ଓ ମିଳିତ ପ୍ରୟାସ ଦ୍ୱାରା ହିଁ ଆମେ ଆଗାମୀ ଦିନରେ ଏକ ଯକ୍ଷ୍ମା ମୁକ୍ତ ପୃଥିବୀର ସ୍ୱପ୍ନକୁ ସାକାର କରିପାରିବା ।

## ସୋସିଆଲ କୋଟ୍ସ

ଡକୈତ ଏକ ପ୍ରେମ କାହାଣୀ ପ୍ରୋଜେକ୍ଟ ମୋତେ ଅନେକ କିଛି ଶିଖାଇଛି । ଜଣେ କଳାକାର ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷା ଶେଷ ହୋଇ ନଥାଏ । ସେ ସବୁ ସମୟରେ କିଛି ନା କିଛି ଶିଖୁଥାଏ ।

ଆଦି ବିଶେଷ, ଅଭିନେତା





ଏହି ଚରିତ୍ର ପାଇଁ ଅନେକ ପରିଶ୍ରମ କରିଛି । ଏହା ସହ ମୋ କୋଷ୍ଟାର ଯେପରି ରବି କିଶାନ, ସୁରଭି ଚନ୍ଦନା ଓ ତେଜସ୍ୱୀଙ୍କ ଠାରୁ ଅନେକ କିଛି ଶିଖିଛି ।

ଅନୁଦ ସିଂ ଢାକା, ଅଭିନେତା

ଧୁରନ୍ଧର ୨ ମୋ ପାଇଁ ଖୁବ ଲକି ଫିଲ୍ମ ଥିଲା । ଏହାପରେ ମୋତେ ଅନେକ ଭଲଭଲ ଅଫର ମିଳୁଛି । ନିକଟରେ ଶିବାଜୀଙ୍କ କାହାଣୀରେ ଏକ ଚରିତ୍ର ମିଳିଛି, ଯାହା ଖୁବ ଖୁସି ଦେଇଛି ।

ଅର୍ଜୁନ ରାମପାଲ, ଅଭିନେତା



## ଅଜଗର ରକ୍ତରୁ କମିବ ମେଦବହୁଳତା

ଆଜିର ସମୟରେ ମୋଟାପଣ ବା ମେଦବହୁଳତା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ବୈଜ୍ଞାନିକମାନେ ପ୍ରକୃତିରୁ ଏହାର ସମାଧାନ ଖୋଜି ପାଉଛନ୍ତି । ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଅଜଗର ସାପର ଶରୀରରେ ପି ଟିଓଏସ ନାମକ ଏକ ବିଶେଷ ମଲିକ୍ୟୁଲ୍ ବା ଅଣୁ ରହିଛି, ଯାହା ମଣିଷର ମୋଟାପଣ କମାଇବାରେ ସହାୟକ ହୋଇପାରେ । ସାଧାରଣତଃ ଅଜଗର ନିଜ ଓଜନ ସମାନ ଶିକାରକୁ ଥରକରେ ଗିଳି ଦେଇଥାଏ ଏବଂ ଏହା ପରେ ମାସ ମାସ ଧରି ବିନା ଖାଦ୍ୟରେ ରହିପାରେ । କାରଣ ଖାଦ୍ୟ ଖାଇବା ପରେ ତା' ରକ୍ତରେ ଏହି ପି ଟିଓଏସ ମଲିକ୍ୟୁଲ୍ ପ୍ରାୟ ୧୦୦୦ ଗୁଣ ବୃଦ୍ଧି ପାଇଥାଏ, ଯାହା ତାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଅନୁଭବ କରାଇଦିଏ ନାହିଁ । ବୈଜ୍ଞାନିକମାନେ ମୋଟା ମୂଷାମାନଙ୍କ ଉପରେ ଏହାର ପରୀକ୍ଷଣ କରି ଦେଖିଛନ୍ତି ଯେ, ଏହା ଦ୍ୱାରା ମୂଷାଙ୍କର ଭୋକ କମିଯିବା ସହ ମାତ୍ର ଏକ ମାସ ମଧ୍ୟରେ ସେମାନଙ୍କ ଓଜନ ୯ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି । ଏହି ପି ଟିଓଏସ ମଲିକ୍ୟୁଲ୍ ସିଧାସଳଖ ମସ୍ତିଷ୍କର 'ହାଇପୋଥାଲାମସ' ଉପରେ ପ୍ରଭାବ ପକାଇ ଶରୀରକୁ ପେଟ ଭର୍ତ୍ତି ଥିବାର ସଙ୍କେତ ପଠାଇଥାଏ । ବର୍ତ୍ତମାନ ଏହି ଗବେଷଣା ପ୍ରାଥମିକ ପର୍ଯ୍ୟାୟରେ ଥିଲେ ହେଁ, ମଣିଷଙ୍କ ଉପରେ ଏହାର ସଫଳ ପରୀକ୍ଷଣ ପରେ ଏହା ସ୍ୱାସ୍ଥ୍ୟକ୍ଷେତ୍ରରେ ଖୁବ ପରିବର୍ତ୍ତନ ଆଣିବ ବୋଲି ସମସ୍ତେ ଆଶା ରଖିଛନ୍ତି ।




## ଇତିହାସ

୧୮୩୭- କାନାଡ଼ାରେ ଅଶ୍ୱେତ ନାଗରିକଙ୍କୁ ଭୋଟ୍ ଦେବା ଲାଗି ଅଧିକାର ଦିଆଗଲା ।
୧୮୫୫- ବ୍ରିଟିଶ କ୍ୟାବିନେଟ ମିଶନ ଭାରତରେ ପହଞ୍ଚିଲା ।
୧୮୮୩- ଚିକାଗୋ ଓ ନ୍ୟୁୟର୍କ ମଧ୍ୟରେ ପ୍ରଥମ ଥର ପାଇଁ ଫୋନ୍‌ରେ ବାର୍ତ୍ତାଳାପ କରାଗଲା ।
୧୯୩୨- ଆମେରିକାରେ ପ୍ରଥମ ଥର ପାଇଁ ଚଳନ୍ତା ଟ୍ରେନ୍‌ରୁ ରେଡ଼ିଓ ପ୍ରସାରଣ କରାଗଲା ।
୧୯୭୭- ମୋରାରଜୀ ଦେଶାଇ ଭାରତର ଚତୁର୍ଥ ପ୍ରଧାନମନ୍ତ୍ରୀ ହେଲେ ।
୧୯୯୦- ଭାରତୀୟ ସେନା ଶ୍ରୀଲଙ୍କା ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ।
୨୦୦୭- ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ୍ ବିଶ୍ୱକପ୍‌ର ସବୁଠୁ ଦ୍ରୁତ ଶତକ କଲେ ।
୨୦୦୮- ଭୁଟାନ ଲୋକତାନ୍ତ୍ରିକ ଦେଶ ରୂପେ ଗଠିତ ହେଲା ।



## ସଂଘର୍ଷର ଅନ୍ୟ ନାମ ସଫଳତା

ଶୀର୍ଷକଟି କଙ୍ଗନାଙ୍କ ଜୀବନକୁ ପୁରା ସୁହାଇଥାଏ । ଜୀବନରେ ଅନେକ ସଂଘର୍ଷ ପରେ ସେ ଆଜି ସଫଳତାର ଶୀର୍ଷରେ ପହଞ୍ଚିବାରେ ସଫଳ ହୋଇଛନ୍ତି । ଆଜି ତାଙ୍କ କ୍ୟାରିୟରରେ ସେ କୌଣସି ବି ହିରୋଙ୍କ ସାହାଯ୍ୟ ବିନା ସଫଳତା ପାଇବାରେ ସମର୍ଥ ହୋଇଛନ୍ତି । ହିମାଚଳ ପ୍ରଦେଶର ଏକ ଛୋଟ ଗାଁରୁ ଆସି ବଲିଉଡରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛନ୍ତି ଅଭିନେତ୍ରୀ କଙ୍ଗନା ରଣାୱତ । କଙ୍ଗନାଙ୍କୁ ତାଙ୍କ ପରିବାର ଜଣେ ଡାକ୍ତର ଭାବେ ଦେଖିବାକୁ ଚାହୁଁଥିଲେ ମଧ୍ୟ ନିଜର ଜିଦ୍ ଓ ଅଭିନୟ ପ୍ରତି ଥିବା ଦୁର୍ବଳତା କାରଣରୁ ସେ ମାତ୍ର ୧୬ ବର୍ଷ ବୟସରେ ଘର ଛାଡି ଦିଲ୍ଲୀ ଓ ପରେ ମୁମ୍ବାଇ ଚାଲିଆସିଥିଲେ । କ୍ୟାରିୟରରେ ପ୍ରଥମରୁ ଅନେକ ସଂଘର୍ଷ କରିଥିବା କଙ୍ଗନାଙ୍କ ଭାଗ୍ୟ ବଦଳାଇଥିଲା ମହେଶ ଭଟ୍ଟଙ୍କ ଫିଲ୍ମ 'ଗ୍ୟାଙ୍ଗଷ୍ଟର' । କଙ୍ଗନାଙ୍କୁ ଏହି ସୁଯୋଗ ରାତାରାତି ଷ୍ଟାର୍ ବନାଇଥିଲା । ଏହାପରେ ଗୋଟିଏ ପରେ ଗୋଟିଏ ହିଟ ସିନେମା ଦର୍ଶକଙ୍କୁ ଭେଟି ଦେଇଥିଲେ । ତାଙ୍କ ଅଭିନୀତ 'ଫ୍ୟାଶନ' ପାଇଁ ପ୍ରଥମ ଜାତୀୟ ପୁରସ୍କାର ପାଇଥିଲେ । ଏହାପରେ ସେ ମୋଟ ୪ଟି ଜାତୀୟ ପୁରସ୍କାର ନିଜ ନାମରେ କରିଛନ୍ତି, ଯାହା ତାଙ୍କୁ ବଲିଉଡରେ ଏକ ନୂଆ ପରିଚୟ ଦେବାରେ ସକ୍ଷମ ହୋଇପାରିଥିଲା । କେବଳ ଅଭିନୟ ନୁହେଁ ରାଜନେତା ଭାବେ ମଧ୍ୟ କଙ୍ଗନା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।

## ଜଳଭାଗର ରହସ୍ୟ

ସାଧାରଣତଃ ମାଛରେ ପୋକ ବା ପରଜୀବୀ ଦେଖିଲେ ଆମେ ଏହାକୁ ଅସ୍ୱାସ୍ଥ୍ୟକର ମନେ କରିଥାଉ, କିନ୍ତୁ ବୈଜ୍ଞାନିକମାନେ ଏକ ନୂତନ ଗବେଷଣାରୁ ସମ୍ପୂର୍ଣ୍ଣ ଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି । ୟୁନିଭର୍ସିଟି ଅଫ୍ ୱାଶିଂଟନର ଗବେଷକମାନେ ୧୯୭୯ରୁ ୨୦୨୧ ମସିହା ମଧ୍ୟରେ ସଂରକ୍ଷିତ ପ୍ରାୟ ୧୭୮ଟି ପୁରୁଣା ସାଲମନ ମାଛ କ୍ୟାନକୁ ଅନୁଧ୍ୟାନ କରିଛନ୍ତି । ଏହି ଗବେଷଣାରୁ ଜଣା ପଡିଛି କି ସମୟ ସହିତ ମାଛ ଶରୀରରେ 'ଆନିସାକିଡ୍ ରାଉଣ୍ଡୱାର୍ମ' ନାମକ ସାମୁଦ୍ରିକ ପରଜୀବୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଏପ୍ରିଲ ୨୦୨୪ରେ 'ଇକୋଲୋଜି ଆଣ୍ଡ ଇଭୋଲ୍ୟୁସନ' ଜର୍ଣ୍ଣାଲରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ଗୋଲାପୀ ଏବଂ ଚମ୍ ପ୍ରଜାତିର ସାଲମନ ମାଛରେ ଏହି ପରଜୀବୀଙ୍କ ସଂଖ୍ୟା ବଢ଼ିବା ଏକ ଭଲ ଘଟଣା । କାରଣ ଏହି ପରଜୀବୀମାନେ ସେତେବେଳେ ବଂଶବୃଦ୍ଧି କରନ୍ତି ଯେତେବେଳେ ସେମାନଙ୍କୁ ଏକ ସମୃଦ୍ଧ ଓ ସକ୍ରିୟ ଖାଦ୍ୟ ଶୃଙ୍ଖଳା ମିଳିଥାଏ । କ୍ୟାନିଂ ପ୍ରକ୍ରିୟା ସମୟରେ ଏହି ପରଜୀବୀମାନେ ମରିଯାଉଥିବାରୁ ଏହା ମଣିଷ ପାଇଁ କ୍ଷତିକାରକ ନୁହେଁ । ଏମାନଙ୍କ ଉପସ୍ଥିତି ଆଲାସ୍କାର ସାମୁଦ୍ରିକ ପରିସଂସ୍ଥା ପୂର୍ବାପେକ୍ଷା ଅଧିକ ସୁସ୍ଥ ଓ ସନ୍ତୁଳିତ ଥିବାର ପ୍ରମାଣ ଦେଉଛିବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।



## ବେଙ୍ଗଲି ଭେଜ ଚପ୍

**ସାମଗ୍ରୀ-** ୨ଟି ବଡ ଆଳୁ, ଗୋଟିଏ ବିଟ୍, ଇଛା ଅନୁସାରେ କଟା ହୋଇଥିବା ପରିବା ଏକ କପ୍, କଟା ହୋଇଥିବା ପିଆଜ ଗୋଟିଏ, ୩ଟି ଲଙ୍କା, ୨ ଚାମଚ କଞ୍ଚା ବାଦାମ, ଏକ ଚାମଚ ଗରମ ମସଲା, ଏକ ଚାମଚ ଜିରା ଗୁଣ୍ଡ, ଏକ ଚାମଚ ଧନିଆ ଗୁଣ୍ଡ, ୩ ଚାମଚ ମଇଦା, ଏକ କପ୍ ବ୍ରେଡ୍ କ୍ରମ୍ବ ।

**ପ୍ରଣାଳୀ-** ପ୍ରଥମେ ଆଳୁ, ବିଟ୍, ସହିତ ସମସ୍ତ ପରିବାକୁ ସିଝାଇ ନିଅନ୍ତୁ । ଏହାପରେ ଏହି ସମସ୍ତ ପରିବାକୁ ଛାଣି ରଖନ୍ତୁ । ଏହାପରେ ବାଦାମକୁ ଭାଜି ଚୋପା ଛଡାଇ ରଖନ୍ତୁ । ସମସ୍ତ ସିଝା ପରିବାକୁ ଗୋଟିଏ ପାତ୍ରରେ ଚକଟି ନିଅନ୍ତୁ । ଏଥିରେ ବାଦାମ ଓ ସମସ୍ତ ଗୁଣ୍ଡ ମସଲା ପକାଇ ଭଲଭାବେ ମିଶାଇ ନିଅନ୍ତୁ । ତେବେ ମିଶ୍ରଣ ଯଦି ବେଶି ପାଣିଆ ଲାଗୁଛି ତେବେ ଏଥିରେ ଅଳ୍ପ ବ୍ରେଡ୍ କ୍ରମ୍ବ ମିଶାଇ ଦିଅନ୍ତୁ । ଏହାପରେ ଆଉ ଏକ ପାତ୍ରରେ ମଇଦାର ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହାପରେ ପରିବା ମିଶ୍ରଣକୁ କଟଲେଟ୍ ଆକାର କରି ମଇଦାରେ ବୁଡାଇ ବ୍ରେଡ୍‌କ୍ରମ୍ବରେ ଗଡାଇ ଛାଣି ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ବେଙ୍ଗଲୀ ଭେଜ୍ ଚପ୍ ।





**ମେଷ:** ଯାତ୍ରାରେ ସତର୍କ, କାର୍ଯ୍ୟ ସଫଳ, ସମ୍ମାନଲାଭ, ଶତ୍ରୁସମସ୍ୟା, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଜମିଜମା ଗଣ୍ଡଗୋଳ, ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୫, ଆରାଧନା- ଗଜଲକ୍ଷ୍ମୀ ।

**ବୃଷ:** କାର୍ଯ୍ୟ ବିଫଳ, ନୂତନ କାର୍ଯ୍ୟ ଆରମ୍ଭ, ଶାରୀରିକ କଷ୍ଟ, ଗୃହେ ଉତ୍ସବ, ଶତ୍ରୁ ପରାଜିତ, ଲୋକସମ୍ପର୍କ ବୃଦ୍ଧି, ଯାନବାହନେ ସମସ୍ୟା, ଅନୁଷ୍ଠାନରୁ ଲାଭ, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା- ପ୍ରଭୁ ସ୍କନ୍ଦ ।

**ମିଥୁନ:** ସ୍ୱାସ୍ଥ୍ୟରେ ଉନ୍ନତି, ବାଣିଜ୍ୟରେ ଲାଭ, ସମ୍ମାନପ୍ରାପ୍ତି, ବନ୍ଧୁଦର୍ଶନ, ଗୁରୁଜନେ ଖୁସି, ଜମିଜମା ଗଣ୍ଡଗୋଳ, ମୋକଦ୍ଦମାରେ ପଡ଼ିପାରନ୍ତି, ଦେବକାର୍ଯ୍ୟ ପ୍ରତି ଆଶକ୍ତ, ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୭, ଆରାଧନା- ମା' ଭଗବତୀ ।

**କର୍କଟ:** ସାହାଯ୍ୟ ପ୍ରାପ୍ତି, ଅଭିଳାଷ ପୂର୍ଣ୍ଣ, ଗୃହେ ଅଶାନ୍ତି, ବ୍ୟବସାୟରେ ସନ୍ତୁଷ୍ଟ, ଶତ୍ରୁ ସମସ୍ୟା, ଶାରୀରିକ ସମସ୍ୟା, ବନ୍ଧୁ ସାହାଯ୍ୟ, ସମ୍ପତ୍ତି ଲାଭ, ଉତ୍ସବ ପ୍ରତି ଆଗ୍ରହ, ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଫି, ସଂଖ୍ୟା-୫, ଆରାଧନା- ଲକ୍ଷ୍ମୀନାରାୟଣ ।

**ସିଂହ:** ଯାତ୍ରାରେ ସତର୍କ, ବନ୍ଧୁସହଯୋଗ, ଅନୁଷ୍ଠାନରୁ ଲାଭ, ଶତ୍ରୁ ସମସ୍ୟା, ସୁସମ୍ବାଦ, ବାଣିଜ୍ୟେ ଶତ୍ରୁତା, ସନ୍ତାନ ଲାଭ, ନୂତନ ନିଯୁକ୍ତି, ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି, ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ମାଣିକେଶ୍ୱରୀ ।

**କନ୍ୟା:** ଅର୍ଥଲାଭ, ସୁସମ୍ବାଦ ପ୍ରାପ୍ତି, ଉଚ୍ଚଆଶାରେ ବିଳମ୍ବ, ଦ୍ରବ୍ୟପ୍ରାପ୍ତି, ସମସ୍ୟା ସମାଧାନ, ଗୃହେ ଉତ୍ସବ, ତୀର୍ଥାଟନ, ମାନସିକ ଶାନ୍ତି, ବିଦ୍ୟାରେ ସଫଳତା, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୪, ଆରାଧନା- ପ୍ରଭୁ ସୂର୍ଯ୍ୟନାରାୟଣ ।

**ତୁଳା:** ଅର୍ଥ ସମସ୍ୟା, ବନ୍ଧୁଲାଭ, ଦୂରଯାତ୍ରା, ପିଲାଙ୍କଚିନ୍ତା, ନୂତନ କାର୍ଯ୍ୟ ଆରମ୍ଭ, ଗୃହେ ଅଶାନ୍ତି, ଲୋକସମ୍ପର୍କ ବୃଦ୍ଧି, ଜମିଜମା ଗଣ୍ଡଗୋଳ, ଉତ୍ସବ ପ୍ରତି ଆଗ୍ରହ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ବିଛା:** ମାନସିକ କଷ୍ଟ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ନୂତନ ସମସ୍ୟା, ଦ୍ରବ୍ୟଲାଭ, ଭୂସମ୍ପତ୍ତି ଲାଭ, ସ୍ତ୍ରୀ ସହଯୋଗ, ବନ୍ଧୁକଷ୍ଟ, ବ୍ୟବସାୟରେ ଶତ୍ରୁତା, ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ଦୂରଯାତ୍ରା, ଅର୍ଥସମସ୍ୟା, ଗୁରୁଜନଙ୍କ ଖୁସି, ମାନସିକ ଶାନ୍ତି, ବନ୍ଧୁକଷ୍ଟ, ଦେବକାର୍ଯ୍ୟରେ ସନ୍ତୁଷ୍ଟ,କର୍ମକ୍ଷେତ୍ରେ ଲାଭ, ଦ୍ରବ୍ୟପ୍ରାପ୍ତି, ପିଲାଙ୍କ ସମସ୍ୟା, ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ପ୍ରତିକାର- ପିତାମାତାଙ୍କ ସେବା ।

**ମକର:** ଅର୍ଥପ୍ରାପ୍ତି, ସମସ୍ୟା ସମାଧାନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ିମୋଟର ଚାଳନାରେ ସତର୍କ, ବନ୍ଧୁ ବିରୋଧ, ଗୃହେ ଅଶାନ୍ତି, ଶାରୀରିକ ସମସ୍ୟା, ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**କୁମ୍ଭ:** ଦୂରଯାତ୍ରା, ବନ୍ଧୁଦର୍ଶନ, ଯାତ୍ରାରେ ବିଳମ୍ବ, ମାମଲା ସମାଧାନ, ଶୁଭଖବର ପ୍ରାପ୍ତି, ପାରିବାରିକ ସମସ୍ୟା, ଆଶା ସଫଳ, ଶରୀର ଅସୁସ୍ଥ, ଅର୍ଥକଷ୍ଟ, ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**ମୀନ:** ଅର୍ଥଲାଭ, ଦୂରଯାତ୍ରା, ଯାନ୍ତ୍ରିକ ସମସ୍ୟା, ଉତ୍ସବ ପ୍ରତି ଆଗ୍ରହ, ପାରିବାରିକ ସହଯୋଗ, ସୁସମ୍ବାଦ ପ୍ରାପ୍ତି, ବ୍ୟବସାୟରେ ଉନ୍ନତି, ଶତ୍ରୁ ପରାଜିତ, ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଚୈତ୍ର ଶୁକ୍ଳପକ୍ଷ, ଷଷ୍ଠି**
**୨୪.୩.୨୦୨୬ ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ ଚିହ୍ନଟ

ସାଉଥବଲଣ୍ଡା,(ସବ୍ୟୁ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ ରବିବାର ନିଶାର୍ଦ୍ଧରେ ଚିହ୍ନଟ କରାଯାଇଛି । ଗୋପାଳପ୍ରସାଦସ୍ଥିତ ମା ହିଙ୍ଗୁଳାଙ୍କ ମନ୍ଦିରର ପଶ୍ଚାଦ୍ ଭାଗରେ ପ୍ରାୟ ୨୦୦ମିଟର ଦୂରରେ ତଥା ଅରା ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ପଡ଼ିଆରେ ମା' ଅଗ୍ନିରୂପା ଆର୍ବିଭୂତ ହୋଇଛନ୍ତି । ଗତକାଲି ମଧ୍ୟ ରାତ୍ରୀରେ ମୁଖ୍ୟ ଦେହୁରୀ ମା'ଙ୍କୁ ଶାବରୀ ମତରେ ପୂଜାର୍ଚ୍ଚନା କରି ବଶୀଭୂତ



କରିଥିଲେ । ଏହାପରେ ସେ କୋଇଲା ସଂଯୋଗ କରି ମା'ଙ୍କ ଉଭାସ୍ଥଳୀ ଚିହ୍ନଟ କରିଥିଲେ । ମାଆଙ୍କର ଆବିର୍ଭାବ ହୋଇଥିବାରୁ ଖବର ପ୍ରସାରିତ ହେବା ପରେ ବହୁ ଶ୍ରଦ୍ଧାଳୁ ମାଆ ଅଗ୍ନିରୂପାଙ୍କ ଦର୍ଶନ କରିଥିଲେ । ଆଜି ସକାଳୁ ମା ହିଙ୍ଗୁଳାଙ୍କ ଆର୍ବିଭାବ ସ୍ଥଳକୁ ମନ୍ଦିର ପ୍ରଶାସନ ପକ୍ଷରୁ ସଫା କରାଯାଇଛି । ଉଭାସ୍ଥଳରେ ଭକ୍ତମାନେ ମାଆଙ୍କୁ ସ୍ପର୍ଶ କରି ପୂଜା ନ କରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

## କାର୍ ଧକ୍କାରେ ଫଳ ଦୋକାନ ଛିନ୍ନଛତର : ମହିଳା ଗୁରୁତର

ତାଳଚେର,(ସବ୍ୟୁ) : ।ଳଚେର ଥାନା ଅନ୍ତର୍ଗତ ରାଣୀପାର୍କ ବସଷ୍ଟାଣ୍ଡ ନିକଟରେ ରହିଥିବା ଫଳ ଦୋକାନୀକୁ ଏକ ଦ୍ରୁତଗାମୀ କାର ଓ ୨୩୭୪ ଧକ୍କା ଦେଇଥିଲା । ଫଳରେ ଦୋକାନରେ ଫଳ କିଣୁଥିବା ଜୈନିକା ମହିଳା ଗୁରୁତର ଆହାତ ହୋଇଥିବା ଜଣାପ । ସ୍ଥାନୀୟ ଲୋକେ କାରକୁ ଅଟକ ରଖିବା ସହ ଗୁରୁତର ମହିଳାଙ୍କୁ ସ୍ଥାନୀୟ ମଣ୍ଡାପାଳ ସରକାରୀ ଚିକିତ୍ସା ପାଇଁ ପଠାଇ ଦେଇଥିଲେ । ଘଟଣା ସ୍ଥଳରେ ହୋହାଲା ହେବା ଫଳରେ ପୋଲିସ ସେଠାରେ ପଂହଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବା ବେଳେ କାର ଚାଳକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଜଣାପ ।

# ଉତ୍ୟକ୍ତ ଚାଷୀଙ୍କ ଧାନବସ୍ତା ରଖି ରାଜରାସ୍ତା ଅବରୋଧ

## ୪୦ ହଜାରରୁ ଉର୍ଦ୍ଧ୍ୱ କିଣ୍ଟାଲ ଧାନ ବିକ୍ରୟ ନହୋଇ ପଡ଼ି ରହିଛି, ୨୧୧୪ ଟୋକନ ପ୍ରାପ୍ତ ଚାଷୀ ଭୋଗୁଛନ୍ତି ହିନସ୍ତା

ହିନ୍ଦୋଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଥିବା ୧୩ ଗୋଟି ସେବା ସମବାୟ ସମିତିରେ ଖୋଲି ଥିବା ଧାନ ମଣ୍ଡି ମାନଙ୍କରେ ପରିଚାଳନା ଗତ ତୃଟି ଯୋଗୁଁ ଆଜି ସୁଦ୍ଧା ୨୧୧୪ ଜଣ ଟୋକନ ପ୍ରାପ୍ତ ଚାଷୀଙ୍କର ୪୦ ହଜାରରୁ ଉର୍ଦ୍ଧ୍ୱ କିଣ୍ଟାଲ ଧାନ ବିକ୍ରୟ ନହୋଇ ମଣ୍ଡି ପରିସରରେ ପଡ଼ି ରହିଛି। ଏନେଇ ବିଭିନ୍ନ ସମୟରେ ଚାଷୀ ଅସନ୍ତୋଷ ପ୍ରକାଶ ପାଉଛି। ଆଜି ହାତୁରା ସେବା ସମବାୟ ସମିତି ସାମ୍ନାରେ ଏହି ଅସନ୍ତୋଷର ଉଗ୍ର ରୂପ ଦେଖିବାକୁ ମିଳିଛି। ଶତାଧିକ ଚାଷୀ ସଂଘ ବଧ ଭାବେ ସୋସାଇଟ ସମ୍ମୁଖରେ ଯାଇ ଥିବା ସାତମାଇଲ – ମହିଧରପୁର ମୁଖ୍ୟ ରାସ୍ତା ଉପରେ ଧାନବସ୍ତା ଥୁଇ ନାରାବାଜି ଦେଉଥିବା ଦେଖା ଯାଇଥିଲା। କେତେକ ଚାଷୀ ସରକାରଙ୍କ



ବିରୋଧରେ ଟିପ୍ପଣୀ ଦେଇ ସେମାନେ ସୋସାଇଟରୁ ନେଇ ଥିବା ଋଣ କିଭଳି ସୁଝିବେ ବୋଲି ପ୍ରଶ୍ନ କରି ଥିଲେ। ସୂଚନା ଯୋଗ୍ୟ ଯେ ହାତୁରା ସମବାୟ ସମିତିରେ ୪୧୪ ଜଣ ଚାଷୀଙ୍କ ନାମ ପଞ୍ଜିକରଣ କରାଯାଇ ସେମାନଙ୍କୁ ଚଳିତ ବର୍ଷ ଧାନ ବିକ୍ରୟ ପାଇଁ ଟୋକନ ପ୍ରଦାନ କରା ଯାଇଥିଲା। ସେଥି ମଧ୍ୟରୁ ୨୩୪ ଜଣ ଚାଷୀଙ୍କର ଧାନ ଅଦ୍ୟାବଧି ମଣ୍ଡିରୁ ବିକ୍ରୟ ସରିଥିବା ବେଳେ ବାକି ୧୮୦ ଜଣ ଚାଷୀ ଟୋକନ ଧରି ବିକ୍ରୟ ଆଶାରେ ଚାହିଁ ବସି ଛନ୍ତି। ସୋସାଇଟ ପକ୍ଷରୁ ସେମାନଙ୍କ ଧାନ ନିଆ ଯିବ ବୋଲି ଆଶାସନା ଦିଆ ଯାଉ ଥିଲେ ହେଁ ମଣ୍ଡିରୁ ଧାନ ଉଠୁ ନଥିବାରୁ ଅସନ୍ତୋଷ ବଢ଼ୁଛି। ଉଲ୍ଲେଖ ଥାଉ କି ମଣ୍ଡିରେ ଧାନ ବିକ୍ରୟରେ ଅବ୍ୟବସ୍ଥା ନେଇ କିଛି ଦିନ ପୂର୍ବେ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ବିଭାଗ ପକ୍ଷରୁ ପଦକ୍ଷେପ ନେବା ସୁରୂପ କାଗଜ କଲମରେ ଧାନ ବିକ୍ରୟ ନେଇ ସୋସାଇଟ ମାନଙ୍କୁ ଅର୍ଦ୍ଧାଧିକ ଟାର୍ଗେଟ ଦେଲେ ହେଲେ ମିଲରମାନେ ନଆସିବାରୁ ଧାର୍ଯ୍ୟ ଧାନ ମଣ୍ଡିରୁ ଉଠି ନପାରି ସେହି ଭଳି ପ୍ରତି ସମବାୟ ସମିତିରେ ପଡ଼ି ରହିଲା। ଏହାକୁ ନେଇ ଆଜି ହାତୁରା ଠାରେ ରାସ୍ତାରୋକ କରାଯାଇ ଥିବା ବେଳେ ବାଉଁଶ ପୋଖରୀ ସୋସାଇଟର କେତେକ ଚାଷୀ ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# କାର୍–ବାଇକ ଧକ୍କା: ଜଣେ ଗୁରୁତର

ଠାକୁରଗଡ/ବଇଣ୍ଡା ,(ସବ୍ୟୁ) : କଟକ ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ର ହଣ୍ଡପା ଥାନା କଦଳୀମୁଣ୍ଡା ନିକଟରେ ସୋମବାର ଦିନ ଏକ କାର ସହ ଏକ ବାଇକ ଧକ୍କା ହୋଇଛି । ଫଳରେ ବାଇକ ର ଚାଳକ ଗୁରୁତର ଆହାତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଅଞ୍ଚଳବାସୀ ଉଧାର କରି ଅନୁଗୋଳ ମେଡିକାଲରେ ଭର୍ତ୍ତି କରିଛନ୍ତି । ପୋଲିସ କହିଛି ଯେ ବଇଣ୍ଡାରୁ ଅନୁଗୋଳ ଅଭିମୁଖେ ଏକ କାର ଓଡି ୧୧ ବି ୦୯୦୦ ଯାଉଥିବା ବେଳେ ବିପରୀତ ଦିଗ ରୁ ଆସୁଥିବା ଏକ ବାଇକ ଓଡି ୧୯ ଡବ୍ଲ ୨୪୩୩ ସହ ଧକ୍କା ହୋଇଥିଲା । ଫଳରେ ବାଇକ ଆରୋହି ଗୁରୁତର ହୋଇ ପଡିଥିଲେ । ବାଇକ ଚାଳକ ରଞ୍ଜନ ଦେହୁରୀ ଘର ଟେଣ୍ଟୁଲି ଗ୍ରାମର । ବଇଣ୍ଡା ଫାଣ୍ଡି ପୋଲିସ ଘଟନା ସ୍ଥଳରେ ପହଞ୍ଚି ଗାଡି ଦୁଇଟି କୁ ଜବତ କରି ଏକ ମାମଲା ରୁଜୁ କରିଛି ।

# ମାଆ ତାରିଣୀଙ୍କ ବାର୍ଷିକ ଉତ୍ସବ

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ପରଜଙ୍ଗରେ ମା ତାରିଣୀଙ୍କର ବାର୍ଷିକ ଉତ୍ସବ ପାଳିତ ହୋଇଛି। ପରଜଙ୍ଗ ଗ୍ରାମକୁ ଯିବାର ମୁଖ୍ୟ ପ୍ରବେଶ ଦ୍ୱାରର ଡାହାଣ ପାର୍ଶ୍ୱରେ ମା ତାରିଣୀଙ୍କ ମନ୍ଦିର ରହିଅଛି। ଦୀର୍ଘ ବର୍ଷ ହେଲା ଛୋଟ ଗାଡି ଡ୍ରାଇଭର ମାନଙ୍କ ସାହାଯ୍ୟ ଓ ସହଯୋଗରେ ମନ୍ଦିର ନିର୍ମାଣ କରାଯାଇଥିଲା। ସେହିଦିନ ଠାରୁ ପ୍ରତିବର୍ଷ ମା ତାରିଣୀଙ୍କ ବାର୍ଷିକ ପୂଜା ମହାସମାରୋହରେ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ବର୍ଷ ମଧ ୨୨ ତାରିଖ ରବିବାର ଠାରୁ ମଙ୍ଗଳବାର ୨୪ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ମା ତାରିଣୀଙ୍କ ବାର୍ଷିକ ପୂଜା ଉତ୍ସବ ଆରମ୍ଭ ହୋଇଯାଇଛି ।ରବିବାର ଦିନ ୨୧ ଜଣ ପୁରୁଷ ଓ ମହିଳା ହାତରେ କଳସ ଧରି ଶଙ୍ଖ ଘଣ୍ଟ ବଜାଇ ଓ ନାମ ସଂକୀର୍ତ୍ତନ କରି ଏକ ଶୋଭା ଯାତ୍ରାରେ ଗ୍ରାମ ପୋଖରୀ ଘାଟକୁ ଯାଇଥିଲେ। ପୋଖରୀ ଘାଟରେ ନୈଷ୍ଠିକ ବ୍ରାହ୍ମଣ ପୂର୍ଣ୍ଣଚନ୍ଦ୍ର ଶତପଥୀ ଷୋଡଶ ଉପଚାରରେ ପୂଜା ଅର୍ଚ୍ଚନା କରିଥିଲେ । ପୋଖରୀ ଘାଟରୁ କୁମ୍ଭ ଜଳ ପୂର୍ଣ୍ଣ କରି ଶଙ୍ଖ ଘଣ୍ଟ ବଜାଇ ଓ ନାମ ସଂକୀର୍ତ୍ତନ କରି ଶୋଭାଯାତ୍ରା ଆସି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଘଟ ସ୍ଥାପନ କରାଇ ଯଜ୍ଞାଧି କାର୍ଯ୍ୟ ଚାଲିଥିଲା । ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା, ଗ୍ରହ ପୂଜା, ବାସ୍ତୁ ପୂଜା, କ୍ଷେତ୍ରପାଳ ପୂଜା, ଯୋଗିମ ଯଜ୍ଞ, ଚଣ୍ଡିପାଠ, ଓ ରୁଦ୍ର ମହାଯଜ୍ଞ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଅଛି । ତୃତୀୟ ଦିବସ ମଙ୍ଗଳବାର ଦିନ ମା ତାରିଣୀଙ୍କର ଷୋଡଶ ଉପଚାରରେ ପୂଜା ଅର୍ଚ୍ଚନା, ଚଣ୍ଡି ମହାଯଜ୍ଞ, ସର୍ବ ଦେବାଦେବୀ ପୂଜା ନବଦୁର୍ଗା ଯଜ୍ଞ କର୍ମମାନ ନୈଷ୍ଠିକ ବ୍ରାହ୍ମଣ ପୂର୍ଣ୍ଣଚନ୍ଦ୍ର ଶତପଥୀ, ମିନକେତନ ମିଶ୍ର, ଉତ୍କଳ ତ୍ରିପାଠୀ ନିଷ୍ଠାର ସହ ପୂଜା ଅର୍ଚ୍ଚନା ଓ ଯଜ୍ଞାଦି କର୍ମମାନ କରିଥିଲେ । ହୋମ ନା କାନ୍ଦି କର୍ମରେ, ପୁରୁଷ କର୍ତ୍ତା ଭାବେ ଶୁସାନ୍ତ କୁମାର ଦାସ ଓ ତାଙ୍କ ଧର୍ମପତ୍ନୀ ବିଳାସିନୀ ମିଶ୍ର କାର୍ଯ୍ୟ ତୁଲାଇଥିଲେ । ମନ୍ଦିର ପରିଚାଳନା କମିଟି ମୁଖ୍ୟ ବିନୟ କୁମାର ଦଳବେହେରା, ସଭ୍ୟ ବେଣୁଧର ତ୍ରିପାଠୀ, ଶୁସାନ୍ତ ଦାସ, ସୁଧିର କୁମାର ଦଳବେହେରା, ମଳୟ କୁମାର ଦାସ, ଦୁର୍ଗା ପ୍ରସାଦ ନାୟକ, ହାଡ଼ିବନ୍ଧୁ ଦଳବେହେରା,କୁନା ରାଉତ ଆଲୋକ ସାମଲଙ୍କ ସମେତ ଛୋଟ ଗାଡି ଡ୍ରାଇଭର ସଂଘର ସମସ୍ତ ସଭ୍ୟ ଏବଂ ତାରିଣୀ ବଜାଇ ପୂଜା କମିଟିର ସମସ୍ତ ସଭ୍ୟ, ମାନଙ୍କ ସାହାଯ୍ୟ ସହଯୋଗ କ୍ରମେ ପୂଜା କାର୍ଯ୍ୟ ଶୃଙ୍ଖଳାର ସହ ସମାପନ ହୋଇ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା।ଅପରାହ୍ନ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜା କମିଟି, ବଜାର କମିଟି, ପଥଚାରୀ ଓ ଗ୍ରାମବାସୀଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ହୋଇଥିଲା । ପ୍ରତିଦିନ ସନ୍ଧ୍ୟାରେ ପ୍ରବଚକ ରବିନ୍ଦ୍ର କୁମାର ପଣ୍ଡା ପ୍ରବଚନ ଦେଉଥିଲେ ।

# ତାଳଚେର ଅବସରପ୍ରାପ୍ତ କର୍ମଚାର ସଂଘର ବୈଠକ

ତାଳଚେର,(ସବ୍ୟୁ) : ତାଳଚେର ବ୍ଲକ ସ୍କଟଲାଣ୍ଡପୁର ଠାରେ ଅବସରପ୍ରାପ୍ତ କର୍ମଚାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଡ. ଆହ୍ଲାଦ ସିଂ ସଭାପତିତ୍ୱ କରିଥିବାବେଳେ ସଂପାଦକ କନ୍ଦର୍ପ ସାହୁ ସଭା ପରିଚାଳନା କରିଥିଲେ । ପ୍ରତ୍ୟେକ ସଭ୍ୟ ପରିଚୟ ପ୍ରଦାନ ପରେ ଶିକ୍ଷୟିତ୍ରୀ ଧୀରା ଦାସ ଆଧାତ୍ମିକ ଦର୍ଶନ ଓ ଚିନ୍ତନ ଉପରେ ବକ୍ତବ୍ୟ ରଖିଥିବାବେଳେ କଳ୍ପନା ବୋଇତି ଭବିଷ୍ୟତ ପାଇଁ ସାମାଜିକ କଲ୍ୟାଣ ନିମନ୍ତେ କେତେ ଗୁଡିଏ ପ୍ରସ୍ତାବ ରଖିଥିଲେ । ଏହି



ଅବସରରେ ପ୍ରତ୍ୟେକ ସଭ୍ୟ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଅନୁଷ୍ଠାନଟି ପଞ୍ଜିକୃତ ହୋଇଥିବା ବେଳେ ଏହାର ସଭ୍ୟ ସଂଖ୍ୟା ୬୦ ରହିଛି । ଆଗାମୀ ଦିନରେ ଏହାର ସଭ୍ୟ ସଂଖ୍ୟା ବୃଦ୍ଧି କରାଯିବା ଉପରେ ମତପ୍ରକାଶ ପାଇଥିଲା । ଗତକିଛି ଦିନ ପୂର୍ବରୁ ଦୁଇ ଜଣ ସଭ୍ୟଙ୍କର ଦେହାନ୍ତ ହୋଇଥିବାରୁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରତ୍ୟେକ ବର୍ଷ ସବୁଠାରୁ ବୟସ୍କ ସଭ୍ୟଙ୍କୁ ସମ୍ମାନୀତ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଛି । ଶେଷରେ ଡ. ବିନୟ ଖିଲାର ଧନ୍ୟବାଦ ପ୍ରଦାନ କରିଥିଲେ ।

# ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଠାକୁରଗଡ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଛକ ସ୍ଥିତ କଲ୍ୟାଣ ମଣ୍ଡପ ନିକଟରେ ସୋମବାର ଦିନ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠିତ ବୈଠକ ରେ ମୁଖ୍ୟଅତିଥି ଭାବରେ ହଣ୍ଡପା ଆଇଆଇସି ରାଜେସ କୁମାର ଶତପଥୀ ଯୋଗ ଦେଇ ଏହି ମଞ୍ଚଦ୍ୱାରା କିପରି ଅନେକ ବିକାଶମୂଳକ କାର୍ଯ୍ୟ ହୋଇ ପାରିବ ସେ ନେଇ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ ।ଏଥିରେ ମଞ୍ଚର ଏକ ଲୋଗ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ । ଏଥିସହ ଆଗକୁ ମଞ୍ଚ ଜରିଆରେ ଏକ ରକ୍ତଦାନ ଶିବିର କାର୍ଯ୍ୟକ୍ରମ କରିବା ପାଇଁ ନିସ୍ପତି ନିଆଯାଇଛି । ଆଠମଲ୍ଲିକ ଉପଖଣ୍ଡ ରେ ଥିବା ଅବହେଳିତ ଲୋକଙ୍କ ପାଇଁ ଏକ ବାସ ଗୃହ ସରକାର ନିର୍ମାଣ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ଅନ୍ୟତମ ଅତିଥି ଭାବରେ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ , ଅବସର ପ୍ରାପ୍ତ ଶିକ୍ଷକ ବିଜୟ କୁମାର ତ୍ରିପାଠୀ , ସନାତନ ସାହୁ , କୈଳାସ ପ୍ରଧାନ , ଅବସର ପ୍ରାପ୍ତ କୃଷି ଅଧିକାରୀ ଗୁଣନିଧି ପ୍ରଧାନ , ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭଗବାନ ପ୍ରଧାନ , ଅବସର ପ୍ରାପ୍ତ ସୈନିକ ସୁକାନ୍ତ ରଣା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଚିନ୍ତାମଣି ସାହୁ ପରିଚାଳନା କରିଥିବା ବେଳେ ଶ୍ରୀଧର ବେହେରା , ଅର୍ଜୁନ କୁମାର ସାହୁ , ସଞ୍ଜୟ କୁମାର ପ୍ରଧାନ , ବସନ୍ତ ଗଡନାୟକ , ଭୀମସେନ ପ୍ରଧାନ , ଭଗବାନ ଘିୱାଲା , ରତ୍ନାକର ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ ।

# ହାଟରୁ ଚୋରୀ: ଚୋରକୁ ଧରି ନିର୍ଧୁମ ଛେଚିଲେ ଲୋକ

କାମାକ୍ଷାନଗର ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ହାଟରୁ ଚୋରି କରୁଥିବା ବେଳେ ଯୁବକଙ୍କୁ ଧରି ସ୍ଥାନୀୟ ଲୋକ ନିର୍ଧୁମ ଛେଚିବା ପରେ ପୋଲିସକୁ ହସ୍ତାନ୍ତର କରିଥିବାର ଜଣାପଡିଛି। କାମାକ୍ଷାନଗର ସହର ଠାରେ ପ୍ରତି ସୋମବାର ହେଉଥିବା ସାପ୍ତାହିକ ହାଟରେ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଜଣେ ଯୁବକଙ୍କୁ ଧରିବା ପରେ ତାକୁ ନିର୍ଧୁମମାଡ ମାରିଥିଲେ। ମାଡ ମାରିବା ପରେ ଯୁବକକୁ ପୋଲିସର ଜିମା ଦେଇଛନ୍ତି। ଯୁବକ ଜଣକର ପରିଚୟ ଜଣା ପଡ଼ିନଥିବା ବେଳେ ଯୁବକ ଜଣକ ହାଟକୁ ଆସିଥିବା ଲୋକଙ୍କ ଠାରୁ ମୋବାଇଲ ଓ ଟଙ୍କା ଲୁଟ କରୁଥିଲେ।କିଛି ଲୋକ ଯୁବକ ଜଣକ ଚୋରି କରୁଥିବା ଦେଖି ତାଙ୍କୁ ଅଟକାଇ ନିର୍ଧୁମ ଛେଚିବା ସହିତ ତାଙ୍କ ଠାରୁ ଚୋରି ହୋଇଥିବା ମୋବାଇଲ ଓ ଟଙ୍କା ଜବତ କରି ପୋଲିସକୁ ଖବର



ଦେଇଥିଲେ । ପରେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକ ଜଣକୁ ଥାନାକୁ ଆଣି ଅଧିକ ପଚରାଉଚୁରା ଜାରି ରଖିଛି । ତେବେ କାମାକ୍ଷାନଗର ସାପ୍ତାହିକ ହାଟରେ ପ୍ରତି ପାଳିରେ ପରଜଙ୍ଗ, ଭୁବନ, କଙ୍କଡାହାଡ଼ ଆଦି ବ୍ଲକର ହଜାର ହଜାର ଲୋକ ନିର୍ଭରଶୀଳ ରହିଥିବା ବେଳେ ଏଠାରେ ବାରମ୍ବାର ପ୍ରତି ସପ୍ତାହରେ ବାଇକ ଚୋରି, ମୋବାଇଲ ଚୋରି, ଡ଼ିକିରୁ ଟଙ୍କା ଚୋରି ଓ ହାଟକୁ ଆସୁଥିବା ଲୋକଙ୍କ ଠାରୁ ଚୋରି ହେଉଥିବା ଦେଖାଦେଇଛି।ବାରମ୍ବାର ଚୋରି ହେଉଥିବା ବେଳେ ସ୍ଥାନୀୟ ପୋଲିସର ଦାୟିତ୍ୱହୀନତା ଯୋଗୁ ସାଧାରଣ ଲୋକେ ହାଟକୁ ଆସିବାକୁ ଭୟ କଲେଣି । ତେଣୁ ତୁରନ୍ତ ସ୍ଥାନୀୟ ପୋଲିସ ଓ ପ୍ରଶାସନ ହାଟର ସୁରକ୍ଷା ବୃଦ୍ଧି ପାଇଁ ବ୍ୟବସ୍ଥା ଗ୍ରହଣ କରିବାପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଟ୍ରକ ଧକ୍କାରେ ଠିକା ଶ୍ରମିକଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

କଣିହାଁ,୨୩।୩(ସବ୍ୟୁ): କଣିହାଁ ବ୍ଲକ ସମଲ ଥାନା ବଲାଙ୍ଗି 'ବି' କଲୋନୀ ଠାରେ ଏକ ଟ୍ରକ ଧକ୍କାରେଏନଟିପିସି ରେଲୱେ ଲାଇନରେ ଠିକା ସଂସ୍ଥାରେ କାମ କରୁଥିବା ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ରବିବାର ରାତି ସାଢ଼େ ୧୧ଟା ବେଳେ ବଲାଙ୍ଗି ନିକଟ ୫୩ ନମ୍ବର ଜାତୀୟ ରାଜପଥ ଉପରେ ଉକ୍ତ ଦୁର୍ଘଟଣା ହୋଇଥିଲା । ମୃତ୍ୟୁ ବରଣ କରିଥିବା କର୍ମଚାରୀ ଜଣକ ହେଲେ କଣିହାଁ ଥାନା ଟେଣ୍ଟେଇବେରେଣୀ ଗାଁର ଦିବାକର ଭୂତିଆଙ୍କ ପୁଅ ସୁମନ୍ତ ଭୂତିଆ (୩୮) । ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ତାଙ୍କ ପରିବାର ଲୋକେ ରାସ୍ତାରେ ଶବକୁ ରଖି ରାସ୍ତାରୋକ କରିଥିଲେ। ଜେଆଇପିଏଲ କୁ କୋଇଲା ପରିବହନ କରୁଥିବା ଟ୍ରକ ଧକ୍କାରେ ସୁମନ୍ତ ର ମୃତ୍ୟୁ ହୋଇଥିବା ଓ ଏନଟିପିସି ରେ ଡ୍ୟୁଟି କରୁଥିବା ସମୟରେ ତାର ମୃତ୍ୟୁ ହୋଇଥିବା ନେଇ ଉଭୟ କମ୍ପାନୀ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବୀ କରିଥିଲେ ଖବର ପାଇ ସମଲ ପୋଲିସ, ଜିନ୍ଦଲ ପାୱାର ପ୍ଲାଣ୍ଟ କର୍ତ୍ତୃପକ୍ଷ, ଏନଟିପିସି କର୍ତ୍ତୃପକ୍ଷ, ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ଜିନ୍ଦଲ ପାୱାର ପ୍ଲାଣ୍ଟ ପକ୍ଷରୁ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା, ସୁଧକ୍ରିୟା ପାଇଁ ୩ ଲକ୍ଷ ଟଙ୍କା, ପରିବାର ଭରଣ ପୋଷଣ ବାବଦକୁ ମାସକୁ ୧୫ ହଜାର ଟଙ୍କା ପ୍ରଦାନ କରିବା ଓ ଏନଟିପିସି ପକ୍ଷରୁ ୧୪ଲକ୍ଷ ଟଙ୍କା କ୍ଷତିପୂରଣ, ସୁଧ କ୍ରିୟା ପାଇଁ ୧ଲକ୍ଷ ଟଙ୍କା ସହ ପରିବାର ର ଜଣକୁ ଠିକା ସଂସ୍ଥାରେ ନିଯୁକ୍ତି ମିଳିବ ବୋଲି ପ୍ରତିଶୃତି ପରେ ସୋମବାର ଦିନ ୧୨ଟା ବେଳେ ରାସ୍ତା ଅବରୋଧ ହଟିଥିଲା । ପରେ ପୁଲିସ ଏକ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ଟ୍ରକକୁ ଜବତ କରି ତଦନ୍ତ ଚଳାଇଛି।

## ଅଗ୍ନିକାଣ୍ଡ ଘଟି ୯ଟି ପରିବାରର ୧୫ ବଖରା ପାଉଁଶ

ହିନ୍ଦୋଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଥାନା ଅନ୍ତର୍ଗତ ନୂଆବଗ ଗାଁରେ ଅଗ୍ନିକାଣ୍ଡରେ ସର୍ବସ୍ୱା ନ୍ତକ୍ଲକ ହୋଇଯାଇଛନ୍ତି କିଛି ପରିବାର। ଏହି ଗ୍ରାମର ନଅଟି ପରିବାରର ମୋଟ ୧୪ ବଖରା ଘର ପୋଡି ପାଉଁଶ ହୋଇଯାଇଛି।କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ଅସ୍ପଷ୍ଟ ଥିବାବେଳେ ଘଟଣା ସ୍ଥଳରେ ରାସୋଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅଗ୍ନିକାଣ୍ଡ ପାଇଁ ଘରର ସମସ୍ତ ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ଗୁହାଳରେ ବନ୍ଧା ଯାଇଥିବା ଏକ ବାଛୁରୀ ମଧ ପୋଡ଼ିଯାଇଥିବା ଦେଖିବାକୁ ମିଳିଛି।ଘଟଣା ସ୍ଥଳରେ ନୂଆବଗ ସରପଞ୍ଚ ମାନସ ଦେହୁରୀ ପହଞ୍ଚି ଦୁଃଖ ପ୍ରକାଶ କରିବା ସହ ତିନି ଦିନର ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି।ତେବେ ଗ୍ରାମର ନରିଆ ବିଶ୍ୱାଳ, ଗାଲେଖ ବିଶ୍ୱାଳ, ଗଝଣ୍ଡୁ ବିଶ୍ୱାଳ, ଦିବାକର ବିଶ୍ୱାଳ, ସୁବାସ ବିଶ୍ୱାଳ, ସିପୁନ ବିଶ୍ୱାଳ, ଭାସ୍କର ପ୍ରଧାନ, ପ୍ରକାଶ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖଙ୍କ ଘର ପୋଡି ଯାଇ ସର୍ବସୱାନ୍ତ ହୋଇଯାଇଥିବାବେଳେ ସମ୍ପୃକ୍ତ କ୍ଷତିଗ୍ରସ୍ତ ମାନଙ୍କୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ଓ କ୍ଷତିପୂରଣ ପାଇଁ ହିନ୍ଦୋଳବାସି ଦାବି କରିଛନ୍ତି।

# ମା' ଗ୍ରାମେଶ୍ୱରୀ ମନ୍ଦିରର ନୂତନ ପ୍ରତିଷ୍ଠା ମହୋତ୍ସବ

ତାଳଚେର,(ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ ବଡ଼ଯୋରଡା ଗ୍ରାମରେ ଅବସ୍ଥିତ ଇଷ୍ଟଦେବୀ ମା' ଗ୍ରାମେଶ୍ୱରୀ ମନ୍ଦିରର ନୂତନ ପ୍ରତିଷ୍ଠା ମହୋତ୍ସବ ଅତ୍ୟନ୍ତ ଧୁମଧାମରେ ପାଳନ କରାଯାଇଛି। ଏହି ପବିତ୍ର ଅବସରରେ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ଏହି ଅବସରରେ ଅଞ୍ଚଳବାସୀଙ୍କ ସୁଖ–ଶାନ୍ତି ଓ ସମୃଦ୍ଧି ପାଇଁ ମା'ଙ୍କ ନିକଟରେ ମଙ୍ଗଳ କାମନା କରିଥିବା ସହ ଏହିପରି ଧାର୍ମିକ କାର୍ଯ୍ୟକ୍ରମ ଗ୍ରାମୀଣ ସଂସ୍କୃତିକୁ ଆଗକୁ ନେବାରେ ମୁଖ୍ୟ ଭୂମିକା ନିଭାଉଛି ବୋଲି ମତ ପ୍ରକାଶ କରିଥିଲେ। ଏହି ମହୋତ୍ସବରେ ୧୮ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଅମିୟ ପ୍ରଧାନ, ବଡ଼ଯୋରଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଜିତେନ କୁମାର ବେହେରା, ସମିତି ସଭ୍ୟ ବିକ୍ରମ ଭୋଇ ସହିତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। ଗ୍ରାମବାସୀମାନେ ବହୁ ଭକ୍ତି ଓ ଆନନ୍ଦର ସହିତ ଏହି ପ୍ରତିଷ୍ଠା ମହୋତ୍ସବକୁ ପାଳନ କରିଥିବାରୁ ସମଗ୍ର ପରିବେଶ ଧାର୍ମିକ ଓ ଉତ୍ସବ ମୁଡ଼ରେ ଭରିଯାଇଥିଲା। ତେବେ ଗ୍ରାମ୍ୟ କମିଟିର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୀର୍ଘ ବର୍ଷ ପୂର୍ବେ ନିଜର ଘର ଜମିକୁ ତାଳଚେର ତହସିଲଦାର ଓ ବିଡ଼ିଓଙ୍କ ଜରିଆରେ ଗ୍ରାମ୍ୟ କମିଟି ଜାଗା ପ୍ରଦାନ କରିଥିଲେ ସେହି ଗାଁର ବାସିନ୍ଦା ବିଦେଶୀ ଦେହୁରୀ । ତେବେ ନିଜ ଭିଟା ମାଟି ସ୍ଥାନରେ ମା ଗ୍ରାମେଶ୍ୱରିଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିବାରୁ ବେସ ଖୁସୀ ପ୍ରକଟ କରିବା ସହ ଅତ୍ୟନ୍ତ ଭାବୁକ ହୋଇଛନ୍ତି ସମାଜ ସେବୀ ବିଦେଶୀ ଦେହୁରୀ ।

# ବିଶ୍ୱ ଜଳ ଦିବସ ପାଳିତ

ତାଳଚେର,(ସବ୍ୟୁ) :ତାଳଚେର ଏକ ଶିଳ୍ପ ଏବଂ ଖଣି ସମୃଦ୍ଧ ଅଞ୍ଚଳ ଭାବରେ ସର୍ବତ୍ର ଜଣାଶୁଣା ।ଏହି ଅଞ୍ଚଳରୁ କେନ୍ଦ୍ର ଏବଂ ରାଜ୍ୟ ସରକାର କୋଇଲା ଓ ତାପଜ ବିଦ୍ୟୁତ ବିକ୍ରୟ କରି ପ୍ରତ୍ୟେକ ଦିନ ବହୁ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି ଏବଂ ଏହି ଅଞ୍ଚଳ ଦେଶର ଆର୍ଥନୀତିକୁ ସମୃଦ୍ଧ କରିବାରେ ସର୍ବାଗ୍ରେ ସ୍ଥାନିତ। କିନ୍ତୁ ବଡ ପରିତାପର ବିଷୟ, ଏହି ସହର ପାର୍ଶ୍ୱରେ ଚିରସ୍ରୋତା ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଛି,ଏହାର ଜଳକୁ ଏଠାରେ ପ୍ରତିଷ୍ଠିତ ସମସ୍ତ କଳକାରଖାନା ଓ କୋଇଲା କମ୍ପାନୀ ପ୍ରଚୁର ପରିମାଣରେ ବ୍ୟବହାର କରୁଛନ୍ତି କିନ୍ତୁ ତାଳଚେର ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏଠାକାର ଜନ ସାଧାରଣ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଂଚିତ। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ପାକ୍ଷୀକ ସମ୍ବାଦପତ୍ର ରାଷ୍ଟ୍ରତନ୍ତ୍ର ପକ୍ଷରୁ ବିଶ୍ୱ ଜଳ ଦିବସ ଅବସରରେ ବ୍ରାହ୍ମଣୀ ନଦୀ ଅବବାହିକାରେ ପାନୀୟ ଜଳ ସଙ୍କଟ ଶୀର୍ଷକ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଉକ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପରିଡା ଯୋଗଦେଇ ତାଳଚେର ଅଞ୍ଚଳରେ ପାନୀୟ ଜଳ ସଙ୍କଟର କାରଣ ଏବଂ ଏହା କିପରି ଦୂରୀଭୂତ ହେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଶ୍ରୀମତୀ ଶୁଭଦର୍ଶିନୀ ମହାପାତ୍ର ଯୋଗ ଦେଇ ଦେଶ ସ୍ୱାଧୀନତାର ଆଠ ଦଶକ ଅତିକ୍ରମ କରିଛି ହେଲେ ଯେଉଁ ମାଟିର ମଣିଷ ଦେଶର ଆର୍ଥିକ ସମ୍ବଳ ପାଇଁ ସର୍ବସ୍ୱ ଦାନକରି ଟୋପାଏ ପିଇବାଯୋଗ୍ୟ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି, ଏହାଠାରୁ ଦୁଃଖ କଥା କିଛି ଥାଇ ନ ପାରେ ଏଣୁ ପୁନର୍ବାର ଏକ ଜନଆନ୍ଦୋଳନର ଆବଶ୍ୟକତା ଜରୁରୀ। କଣିହାଁ ମହାବିଦ୍ୟାଳୟର ବିଜ୍ଞାନ ଅଧ୍ୟାପକ ସତ୍ୟନାରାୟଣ ପରିଡ଼ା, ତାଳଚେର ଓକିଲ ସଙ୍ଘର ସଭାପତି ସନ୍ତୋଷ କୁମାର ସାହୁ, ଅନୁଗୋଳ ଜିଲ୍ଲା ରେଡକ୍ରସର ବରିଷ୍ଠ ସଦସ୍ୟ ବଳରାମ ପତି ଓ ଭଦ୍ରକ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ସୁଧାକର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଜଳ ସଂରକ୍ଷଣ ଏବଂ ଏହାର ସଦୁପଯୋଗ ସହିତ ବୃକ୍ଷ ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପାନୀୟ ଜଳ ସଙ୍କଟରୁ ମୁକ୍ତି ପାଇବାକୁ ହେଲେ ଭୂତଳ ଜଳସ୍ତର ବୃଦ୍ଧି ପାଇ। ଅତ୍ୟନ୍ତ ଜରୁରୀ । ଏଥିପାଇଁ ପ୍ରତ୍ୟେକ ପରିବାର ନିଜ ଅଗଣାରେ ବର୍ଷା ଜଳର ସଂରକ୍ଷଣ ପ୍ରଣାଳୀ ଅବଲମ୍ବନ କରିବା ଉଚିତ ବୋଲି ମତପୋଷଣ କରିଥିଲେ। ତାଳଚେର ଅଞ୍ଚଳବାସୀଙ୍କୁ ପାଇପ ଯୋଗେ ସୁଦ୍ଧ ପାନୀୟ ଜଳଯୋଗାଣରେ ସରକାରଙ୍କର ଉଦାସୀନତା ଏବଂ ସ୍ଥାନୀୟ ପ୍ରଶାସନର ତାଳଚେରବାସୀଙ୍କ ପ୍ରତି ଅବହେଳାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବୀମାନେ ନାପସନ୍ଦ କରିବା ସହିତ ଆଗାମୀ ଦିନରେ ଜଳ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଟୋକନ ଥାଇ ବି ଉଠିଲାନି ଧାନ

## ଧାନବସ୍ତା ରଖି ୫୫ ଜାତୀୟ ରାଜପଥ ଅବରୋଧ,ଯାତାୟତ ଠପ

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଗଦାଶିଳା ସେବା ସମବାୟ ସମିତିରେ ମଣ୍ଡିରେ ଟୋକନ ପାଇବା ସତ୍ତ୍ୱେ ଧାନ ଉଠୁନଥିବାର ପ୍ରତିବାଦ କରି ସୋମବାର ଚାଷୀମାନେ ଝାରଗାଡିଆ ଠାରେ ରାସ୍ତାରେ ଧାନ ବସ୍ତାରଖି ୫୫ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ।ମଣ୍ଡିରେ ଧାନ ଦେବାକୁ ଟୋକନ ପାଇଥିଲେ ମଧ୍ୟ ଧାନ ଉଠୁନଥିବାରୁ ଏଭଳି ରାସ୍ତାରୋକ କରାଯାଇଥିଲା। ଗଦାଶିଳା ସେବା ସମବାୟ ସମିତି ମଣ୍ଡିରେ ଗଦାଶିଳା, ଚାଇଁପୁର, କାଶିଆଡିହ, ବଳରାମପୁର, ମହେନ୍ଦ୍ରପୁର, ସିମିନଇ,ଅଙ୍କରାନ୍ତିପୁର,ସାଇଁବିରିର ଚାଷୀ ମାନେ ଧାନ ଦେଇଥାନ୍ତି। ମାର୍ଚ୍ଚ ମାସ ଶେଷ ହେବାକୁ ବସିଥିବା ବେଳେ ଶହ ଶହ ଚାଷୀଙ୍କ ଧାନ ବର୍ତ୍ତମାନ ସୁଦ୍ଧା ମଣ୍ଡିରେ ଦିଆଯାଇନାହିଁ। ନଭେମ୍ବର ମାସରୁ ଧାନ ଅମଳ କରି ଚାଷୀମାନେ ମଣ୍ଡିରେ ଦେବାକୁ ଚାହିଁ ବସିଥିବା ବେଳେ ଏ ଯାଏ ଧାନ ସରକାର କ୍ରୟ କରୁନଥିବାର ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ତୁରନ୍ତ ୧୫୦ ଜଣ ଚାଷୀଙ୍କ ୩ ହଜାର



୫ଶହ କ୍ୱିଣ୍ଟାଲ ଧାନ ଉଠାଇବାକୁ ଦାବୀ ହୋଇଛି। ଚାଷୀ ମାନେ ଗତ ୧୭ ତାରିଖରୁ ଧାନ ଦେବାକୁ ଟୋକନ ପାଇଥିଲେ ମଧ୍ୟ ମଣ୍ଡିରେ ଧାନ ଦେଇ ପାରୁନାହାଁନ୍ତି। ଫଳରେ ବର୍ଷାରେ ଧାନ ନଷ୍ଟ ହେବା ସହିତ ଏବେ ମଧ୍ୟ ଧାନ ନଷ୍ଟ ହେବାକୁ ବସିଲାଣି। ଏହାକୁ ନେଇ ସୋମବାର ଚାଷୀମାନେ ଝାରଗାଡିଆ ଠାରେ ୫୫ ନମ୍ବର ରାସ୍ତାରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଯାନବାହନ ଅଟକି ରହିବା ସହିତ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ସଦର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଚାଷୀମାନେ ତୁରନ୍ତ ଧାନ ଉଠାଇବାକୁ ଦାବୀ କରିବା ସହିତ ଟୋକନ ଥାଇ ମଧ୍ୟ ଧାନ ଉଠୁନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏହି ରାସ୍ତା ରୋକରେ ବହୁ ଚାଷୀଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ଜିଲ୍ଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କୁହନ୍ତି ଯେ ଟୋକନର ଅବଧି ସମାପ୍ତ ହେଲେ ମଧ୍ୟ ତାହାର ଅବଧି ବୃଦ୍ଧି ହେବାର ଯୋଜନା ଅଛି । ସମସ୍ତ ଚାଷୀଙ୍କର ଧାନ ଉଠା ଯିବ ବୋଲି ସେ ପ୍ରକାଶ କରିଥିଲେ ।

# ସ୍ଥାୟୀ ନିଯୁକ୍ତି ଦାବିରେ ୬ଏସଏପି କ୍ଷତିଗ୍ରସ୍ତଙ୍କ ଧାରଣା

କଣିହାଁ,(ସବ୍ୟୁ): ଏନଟିପିସି କଣିହାଁ ଦ୍ୱାରା କ୍ଷତିଗ୍ରସ୍ତ ବିଭିନ୍ନ ଗ୍ରାମର ଚାକିରି ଆଶାୟୀ ୬ ଏସଏପି କ୍ଷତିଗ୍ରସ୍ତ ପରିବାର ନିଯୁକ୍ତି ଦାବିରେ ଧାରଣା ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସୋମବାର ସକାଳ ୫ଘଟିକା ସମୟରେ କ୍ଷତିଗ୍ରସ୍ତ ପରିବାର ଗଣ ଏନଟିପିସି ଏମଜିଆର ଆମ୍ବପାଳ ଲେଭଲ କ୍ରସିଂ ପାଖରେ ରେଳ ଧାରଣାରେ ବସି ରହିଥିଲେ। ଫଳରେ ଏନଟିପିସି କୁ କୋଇଲା ପରିବହନ ବନ୍ଦ ରହିଥିଲା। ପରେ ଘଟଣା ସ୍ଥଳରେ ଏନଟିପିସି ମ୍ୟାନେଜମେଣ୍ଟ, ପୋଲିସ ପ୍ରଶାସନ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନାରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ



କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବାପରେ ଅପରାହ୍ନ ୩ଘଟିକା ସମୟରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ସୂଚନା ଯୋଗ୍ୟଯେ, ଏନଟିପିସି ଦ୍ୱାରା କ୍ଷତିଗ୍ରସ୍ତ ଡେରଙ୍ଗ ଗ୍ରାମର ରଶ୍ମିତା ନାଏକ, ବିଜିଗୋଳ ଗ୍ରାମର ବିନ୍ଦୁ ସାଗର ପାଣି, ଗୁରୁଜାଙ୍ଗ ଗ୍ରାମର ହୃଷିକେଶ ପାଣି, ରଙ୍ଗବେଡା ଗ୍ରାମର ମୋନାଲିସା ପ୍ରଧାନ, ଗଦାଶିଳା ଗ୍ରାମର ସବିତାରାଣି ପ୍ରଧାନ, ପଢାଖମଣ ଗ୍ରାମର ଶୁଭଲକ୍ଷ୍ମି ପ୍ରଧାନ ୬ଏସଏପି କ୍ଷତିଗ୍ରସ୍ତ ନିଯୁକ୍ତି ନିମିତ୍ତ ବାରମାର ଏନଟିପିସି କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ପରେ ଏଥି ନେଇ ଜିଲ୍ଲା ପ୍ରସାଶନ ଓ ଲୋକପ୍ରତିନିଧି ଏନଟିପିସିକୁ ଜଣାଇବା ପରେ ମଧ୍ୟ ୬ ବର୍ଷରୁ ଉର୍ଦ୍ଧ ହେବ ନିଯୁକ୍ତି ନମିଳିବାରୁ ଧାରଣା ଦେଇଥିଲେ ।

# ଇରମ ସୋସାଇଟିର ସମ୍ପାଦକ ମୃତ୍ୟୁରେ ଶୋକସଭା




ବାସୁଦେବପୁର,(ସବ୍ୟୁ): ବାସୁଦେବପୁର ବ୍ଲକର ଇରମ ସେବା ସମବାୟ ସମିତିର ସମ୍ପାଦକ ରଶ୍ମିରଞ୍ଜନ କବାଟଙ୍କ ମୃତ୍ୟୁରେ କୋପ୍ରେଟିଭ ବ୍ୟାଙ୍କ ପରିସରରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶୋକ ସଭାର ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବାସୁଦେବପୁର ଶାଖାର ପରିଚାଳକ ମହେନ୍ଦ୍ର ପ୍ରସାଦ ନାୟକ,ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ନିରଞ୍ଜନ ଦାସ,ସେବା ସମବାୟ ସମିତି ସଂପାଦକ ସଂଘର ସଭାପତି ଅନିରୁଦ୍ଧ କୁମାର ନାୟକ,ସଂଘର ସଂପାଦକ ତନ୍ମୟ ମଲିକ,ଇରମ ସୋସାଇଟିର ସଭାପତିତ୍ୱ ନିରଞ୍ଜନ ନାୟକ,ସଭ୍ୟ ରଞ୍ଜନ କୁମାର ନାୟକ,ମାଟିପକା ସୋସାଇଟିର ସମ୍ପାଦକ ଧର୍ମନାରାୟଣ ଜେନା,ଶଙ୍ଖାରୁ ସୋସାଇଟିର ସମ୍ପାଦକ ଗଜେନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ଶୋକ ବ୍ୟକ୍ତ କରିଥିଲେ। ବିଦେଇପୁର ସୋସାଇଟିର ସମ୍ପାଦକ ରତିକାନ୍ତ ରାଉତ,କୁମାରପୁର ସୋସାଇଟିର ସମ୍ପାଦକ ଡମ୍ବରୁଧର ରାଉତ,ମୁକେଶ ମଲ୍ଲିକ,ସହକାରୀ ଶାଖା ପରିଚାଳକ ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ।

# କାନ୍ଥ ଭୁଷୁଡି ଶିଶୁକନ୍ୟା ମୃତ

ତିହିଡି,(ସବ୍ୟୁ) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପୀରହାଟ ଥାନା ସାହାପୁର ପଂଚାୟତ ଅଧୀନ କାଶୀପୁର ଗ୍ରାମରେ ରବିବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ଗ୍ରାମର ନାରାୟଣ ବେହେରା ନାମକ ଜଣେ ବ୍ୟକ୍ତିଙ୍କ କୋଠାଘର ଛାତ ଉପରେ ନିର୍ମିତ ଅଧାକାନ୍ଥ ଭୁଷୁଡ଼ି ଜଣେ ଶିଶୁ କନ୍ୟା(୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା' ଓ ବଡ଼ଭଉଣୀ ମଧ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ତିହିଡି ଥାନା ଅଚକ ପଞ୍ଚାୟତ ଅଧୀନ ନନ୍ଦପୁର ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ସ୍ତ୍ରୀ ଭାରତୀ (୩୦) ବାପଘର କାଶୀପୁର ଗ୍ରାମକୁ ଯାଇଥିଲେ। ଭାରତୀଙ୍କ ୨ଝିଅ ପୂଜାରାଣୀ (୪)ଓ ଲିଜା (୨)ମାମୁଘର ସାମ୍ନାରେ ଖେଳୁଥିଲେ। ତାଙ୍କ ମା ଭାରତୀ ସେଠାରେ ଠିଆ ହୋଇଥିଲେ। ଏହି ସମୟରେ ନାରାୟଣଙ୍କ ଘରର ଛାତ ଉପରେ ନିର୍ମିତ କାନ୍ଥ ଓ ଘରର କାନିସ ଭାଙ୍ଗି ତଳକୁ ଖସିପଡ଼ି ମା ଓ ୨ଝିଅଙ୍କ ଉପରେ ପଡ଼ିଥିଲା। ଯାହାଫଳରେ ସାନ ଝିଅ ଲିଜାର ମୃତ୍ୟୁ ଘଟିଥିବା ବେଳେ ଭାରତୀ ଓ ତାଙ୍କ ବଡ଼ ଝିଅ ପୂଜା ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମା' ଝିଅଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ତିହିଡି ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

# ବେଡ଼ି ପକାଇ ଯୁବକଙ୍କୁ ନିର୍ଯାତନା : ଉଦ୍ଧାର କଲା ପୋଲିସ

ଆନନ୍ଦପୁର(ସବ୍ୟୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା କାଠକଟା ପଞ୍ଚାୟତ ପୁରୁଣାଘାଟିରେ ଘଟିଛି ଏକ ଅଭାବନୀୟ ଘଟଣା । ସାମାନ୍ୟ ଷ୍ଟିଲ ରଡ଼ ଚୋରି କରିଥିବାରୁ ଜଣେ ଯୁବକଙ୍କୁ ଦଣ୍ଡ ସ୍ୱରୂପ ଗତ ଚାରିମାସ ହେଲା ଗୋଡ଼ ହାତରେ ବେଡି ପକାଇ ନିର୍ଯାତନା ଦିଆଯାଇଛି । ଖବର ପାଇ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରିଛି ।ଅଭିଯୋଗ ଅନୁସାରେ, ୪ ମାସ ପୂର୍ବେ ପୁରୁଣାଘାଟି ଗ୍ରାମର ହରିହର ପ୍ରଧାନଙ୍କ ପୁଅ କ୍ଷୀରୋଦ(୩୫) ଶିବ ରାଜଙ୍କ ଘରୁ କିଛି ଲୁହାଛ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଶିବ, ତାଙ୍କ ଭାଇ ଅନିଲ ଏବଂ କ୍ଷୀରୋଦଙ୍କ ଭାଇ ମନୋଜ କ୍ଷୀରୋଦଙ୍କୁ ଧରି ଏକ କୋଠରିରେ ହାତ ଓ ଗୋଡ଼ରେ ବେଡ଼ି ପକାଇ ତାଙ୍କୁ ନିୟମିତ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବା। ଏପରିକି ୪ ଦିନକୁ ଥରେ ଖାଇବାକୁ ଦିଆଯାଉଥିବା ଅଭିଯୋଗ ହୋଇଛି। କ୍ଷୀରୋଦଙ୍କୁ ଏଭଳି ଦଣ୍ଡ ଦିଆଯାଉଥିବା ଜାଣି କେହି ସହୃଦୟବ୍ୟକ୍ତି ପୁଲିସକୁ ସୂଚିତ କରିଥିଲେ। ଆନନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି କ୍ଷୀରୋଦଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସିତ କରିବା ପରେ ଘରେ ଛାଡ଼ିଥିଲେ । ତେବେ ଏନେଇ କ୍ଷୀରୋଦ କିମ୍ବା କ୍ଷୀରୋଦଙ୍କ ପରିବାର ପକ୍ଷରୁ କେଣସି ଅଭିଯୋଗ ହୋଇନାହିଁ, ଏଣୁ ଅଭିଯୁକ୍ତଙ୍କ ବିରୋଧରେ କେଣସି ପଦକ୍ଷେପ ଗ୍ରହଣ କରିନଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ପୂର୍ବତନ ମନ୍ତ୍ରୀ ଜୟଦେବ ଜେନାଙ୍କୁ ହତ୍ୟା ଧମକ ଘଟଣା : ଦୁଇ ଗିରଫ

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ପୂର୍ବତନ କଂଗ୍ରେସ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନାଙ୍କୁ ହତ୍ୟା ଧମକ ଘଟଣାରେ ନନ୍ଦିପଦା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ଯାଜପୁର ଜିଲା ରଯାଜପୁର ରୋଡ ଥାନା ଅଧିନ ନୂଆଗାଁ ଗ୍ରାମର ହରମୋହନ ବାରିକ(୨୭) ଏବଂ ରାକେଶ ନଟିଆ(୨୯) ଗିରଫ କରାଯାଇଛି। କେନ୍ଦୁଝର ଏସପି ନୀତିନ କୁଶଲ ଦାଗଡୁଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଡିଏସପି କମଳ ପଣ୍ଡା ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପଣ୍ଡାଙ୍କ ତତ୍ତ୍ୱାବଧାନରେ ନନ୍ଦିପଦା ପୋଲିସ ଏବଂ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ବିଭିନ୍ନ ଟିମ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରାଯାଇଛି। ଅଭିଯୁକ୍ତଙ୍କୁ ନିଜ ଗାଁରେ ପୋଲିସ ଧରିବାରେ ସକ୍ଷମ ହୋଇଛି।ଜୟଦେବଙ୍କ ଅଭିଯୋଗ କ୍ରମେ ନନ୍ଦିପଦା ଥାନାରେ କେସ ନମ୍ବ ୧୦୪/୨୦୨୬ରେ ଏକ ମାମଲା ରୁଜୁ ହୋଇଥିଲା। ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଇନ୍ସପେକ୍ଟର ବଳିଆ ବାରିକ, ଏସଆଇ ସୁଷମା ସୁନ୍ଦରୀ ସେଠୀ, ଗୋପାଳ ମିଶ୍ର ପ୍ରମୁଖଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ଅଭିଯୁକ୍ତଙ୍କ ଗାଁରେ ଚଢ଼ାଉ କରି ଧରିବାରେ ସକ୍ଷମ ହୋଇଛନ୍ତି। ସବଠୁ ବଡ଼ କଥା ହେଉଛି ଜୟଦେବଙ୍କ ସହ ଅଭିଯୁକ୍ତଙ୍କର କି ପ୍ରକାର ସମ୍ପର୍କ ଅଛି ଏବଂ କେଉଁ ପରିସ୍ଥିତିରେ ଅଭିଯୁକ୍ତମାନେ ହେଭିୱେଟ କଂଗ୍ରେସ ନେତାଙ୍କୁ ହତ୍ୟା ଧମକ ଦେଲେ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି।

# ରନ୍ଧାମଦ ଜବତ,୩ ଗିରଫ

ଖଇରା,(ସବ୍ୟୁ): ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ ଖଇରା ଥାନା ଅଧୀନରେ ଆସୁଥିବା ସିଙ୍ଗିପୁର,ମୁସ୍ତଫାବାଦ,ରଟିଣା ଓ ନଛିପୁର ଗ୍ରାମରେ ଚଢ଼ାଉ କରାଯାଇ ୧୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ମାନେ ହେଲେ ରତ୍ନାକର ମହାରଣା,ସୁନା ନାଏକ ଓ ବାବୁ ସିଂ । ଜବତ ମଦର ଆନୁମାନିକ ମୁଲ୍ୟ୩୦ହଜାର ହେବ ବୋଲି କୁହାଯାଉଛି ।

# ଦୁର୍ଘଟଣାରେ ମହିଳା ଗୁରୁତର

ନୀଳଗିରି,(ସବ୍ୟୁ): ଏକ ଅଟୋ ରେ ସ୍ୱାମୀ, ସ୍ତ୍ରୀ ନିଜ ନାତୁଣୀ କୁ ଧରି ସୋମବାର ସ୍ତ୍ରୀର ଦେହ ଖରାପ ଯୋଗୁଁ ନୀଳଗିରି ମେଡିକାଲ ଆସିଥିଲେ। ମେଡିକାଲରେ ଡାକ୍ତରଙ୍କୁ ଦେଖାଇ ଖୁସିରେ ସେହି ଅଟୋରେ ନାତୁଣୀକୁ ଧରି ଘରକୁ ଫେରୁଥିବା ବେଳେ ନୀଳଗିରି ଜେଲ୍ ରୋଡରେ ପରିଶ୍ରା ଯିବାପାଇଁ ସ୍ୱାମୀ ଡ୍ରାଇଭରକୁ ଗାଡ଼ି ରଖିବା ପାଇଁ କହିବାରୁ ଡ୍ରାଇଭର ଗାଡ଼ିକୁ ଷ୍ଟାର୍ଟରେ ଛିଡ଼ା କରି ନିଜେ ମଧ ଏକ ଯାଇଥିଲା। ମାତ୍ର ଗାଡ଼ିଟି ଷ୍ଟାର୍ଟରେ ରହିଥିବା ବେଳେ ହଠାତ୍ ଅଟୋଟି ନିକଟସ୍ଥ ଡ୍ରେନ ମଧ୍ୟକୁ ଗଳି ପଡ଼ିବାରୁ ଗାଡିରେ ଥିବା ମହିଳା ଜଣକର ମୁଣ୍ଡରେ ଗଭୀର ଆଘାତ ଲାଗି ଫାଟି ଯାଇଥିଲା। ନାତୁଣୀ ସାମାନ୍ୟ ଆହତ ହୋଇଥିଲା। ଏହା ଦେଖି ଡ୍ରାଇଭର ଓ ସ୍ୱାମୀ ଜଣକ ଆବାକ ହୋଇପଡ଼ିଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ବହୁ କଷ୍ଟରେ ଡ୍ରେନରୁ ଅଟୋକୁ ବାହାର କରିଥିଲେ। ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ଦକ୍ଷିଣ ନରସିଂହପୁର ପଞ୍ଚାୟତର ସାମରାଇପୁର୍ ଗ୍ରାମର ସୁକାନ୍ତି ମହାକୁଡ଼ ଓ ନାତୁଣୀ ତପସ୍ୱିନୀ ବୋଲି ଜଣା ପଡିଛି। ସୁକାନ୍ତି ଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗି ଥିବାର ଦେଖିବାକୁ ମିଳିଛି।

# ପଞ୍ଚଲିଙ୍ଗେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟା



ନୀଳଗିରି–,(ସବ୍ୟୁ): ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଛକ ଠାରେ ୪ ଦିନ ଧରି ଚାଲିଥିବା ପଞ୍ଚଲିଙ୍ଗେଶ୍ୱର ମହୋତ୍ସବର ରବିବାର ତୃତୀୟ ସନ୍ଧାରେ ଝୁମିଲେ ଦର୍ଶକ। ଏହି ସନ୍ଧ୍ୟାରେ ଆକର୍ଷଣ ଥିଲେ ଓଡ଼ିଆ କମେଡ଼ିଆନ ପପୁ ପମ୍ ପମ୍ ସମେତ କଣ୍ଠଶିଳ୍ପୀ ତୁଷାର ସ୍ୱାଇଁ ଯୋଗ ଦେଇଥିଲେ। ୩ୟ ସନ୍ଧ୍ୟା ସଭାରେ ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଅକ୍ଷୟ ପାଣିଗ୍ରାହୀ ମଞ୍ଚପରିଚାଳନା କରିଥିବା ବେଳେ ବଳରାମ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ମଞ୍ଚ ସଭାପତିତ୍ୱ କରିଥିଲେ ଜ୍ୟୋତିର୍ମୟ ରାଉତ। ମୁଖ୍ୟଅତିଥି ଭାବେ ପୂର୍ବତ୍ତନ ବିଧାୟକ ଇଂ ସୁକାନ୍ତ ନାୟକ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ଓ ଯୁବ ସମାଜ ହିଁ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟ ସମ୍ମାନୀୟ ଅତିଥି ଭାବେ ଯୁବ ସମାଜସେବୀ ତପନ କୁମାର ରାଉତ ଓ ଜିଲ୍ଲାପରିଷଦ ସଭ୍ୟା ଉଷାମଣି ରାଉଳ ପ୍ରମୁଖ ଉପସ୍ଥିତ ଥିବାବେଳେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ବେଣୁଧର ଜେନା। ସାମ୍ବାଦିକ ଜଗନ୍ନାଥ ପାତ୍ର, ପ୍ରିୟନାଥ ବେହେରା ଓ ଗଣେଶ ଜେନା, ଖେଳ ପ୍ରତିଭା ସମ୍ମାନ ଶୁଭଲକ୍ଷ୍ମୀ ସିଂ, ପୂର୍ବତନ ସୈନିକ ଯୋଗେଶ୍ୱର ବେହେରା ପ୍ରମୁଖଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୋମେଶ୍ୱର ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବାହାନଗା ମଣ୍ଡଳ ମଧ୍ୟସ୍ଥ ଉପକୂଳ ବିଷ୍ଣୁପୁର ଗ୍ରାମରେ ସୋମେଶ୍ୱର ସାଂସ୍କୃତିକ ପରିଷଦର ୪୭ତମ ବାର୍ଷିକ ଉତ୍ସବ ୪ଦିନ ବ୍ୟାପି ସୋମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ଣରେ ବାଲେଶ୍ୱର ଜିଲ୍ଲା ପାଲାଗାୟକ ସମ୍ମିଳନୀର ପ୍ରାକ୍ତନ ସଭାପତି ପଣ୍ଡିତ ଲୋକନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଯଜ୍ଞାରମ୍ଭ ଓ ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀଙ୍କର ଉନ୍ମୋଚନ ଉତ୍ସବର ଆୟୋଜନ କରାଯାଇଥିଲା। ମହାକାଳୀଙ୍କର ମୃଣ୍ମୟୀ ମୂର୍ତ୍ତି ଉନ୍ମୋଚନ କରି ଥିଲେ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ଜଗବନ୍ଧୁ ଆଚାର୍ଯ୍ୟ ଓ ମହାଲକ୍ଷ୍ମୀଙ୍କର ମୂର୍ତ୍ତି ଉନ୍ମୋଚନ କରିଥିଲେ ବାହାନଗା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ତପନ କୁମାର ପଣ୍ଡା ।ସତ୍ୟାନିଧି ମହିଳା ମହାବିଦ୍ୟାଳୟର ପ୍ରଫେସର ଅକ୍ଷୟ କୁମାର ପଣ୍ଡା ମହାସରସ୍ୱତୀଙ୍କର ମୂର୍ତ୍ତି ଅନାବରଣ କରି ମହାସରସ୍ୱତୀଙ୍କ ମୂର୍ତ୍ତି । ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀନିବାସ ତ୍ରିପାଠୀ, ନରେନ୍ଦ୍ରନାଥ ପଣ୍ଡା, ଗଜେନ୍ଦ୍ରନାଥ ମହାପାତ୍ର, ପ୍ରଭାକର ତ୍ରିପାଠୀ, ବିଜୟ କୁମାର ତ୍ରିପାଠୀ ପ୍ରମୁଖ ବିଭିନ୍ନ ଦିଗରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡ. ହେମମାଳା ଦାଶ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖୋଜ ମହିଳା ୪ ମାସ ପରେ ଉଦ୍ଧାର

ବାଲେଶ୍ୱର,(ସବ୍ୟୁ): ୪ ମାସ ପୂର୍ବରୁ ନିଖୋଜ ହୋଇ ଯାଇଥିବା ଜଣେ ମହିଳା (୫୫)ଙ୍କୁ ଉଦ୍ଧାର କରାଯାଇଛି। ୨୦୨୫ ନଭେମ୍ବର ୨୯ ତାରିଖ ଦିନ ପାରିବାରିକ ବିବାଦକୁ କେନ୍ଦ୍ର କରି ଭୋଗରାଇ ବ୍ଲକ୍ ମହାଗବ ବାସୁଲିପାଟ ଗ୍ରାମର ବଂଶୀଧର ନାୟକଙ୍କ ପତ୍ନୀ ପୁଷ୍ପାଞ୍ଜଳି (୫୫) କେଉଁଆଡ଼େ ଚାଲି ଯାଇଥିଲେ । ତେବେ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ପୁଷ୍ପାଞ୍ଜଳିଙ୍କ ଭାଇ ପଶ୍ଚିମବଙ୍ଗ ରାମନଗର ଥାନା ଅନ୍ତର୍ଗତ ବାସୁଲିପାଟ ଗ୍ରାମର ସୁବ୍ରତ ଆଚାର୍ଯ୍ୟ କମର୍ଦା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଥାନାରେ କେଶ୍ ନମ୍ବର ୪୮/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଆଜି ମହିଳା ଜଣକ ଜଳେଶ୍ୱର ବସଷ୍ଟାଣ୍ଡ ପାଖରେ ବୁଲୁଥିବାର କିଛି ଗ୍ରାମବାସୀ ଦେଖିବା ପରେ ସ୍ୱାମୀ ବଂଶୀଧରଙ୍କୁ ଖବର କରିଥିଲେ। ପରେ କମର୍ଦା ପୁଲିସ ଜରିଆରେ ମହିଳାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦିଆଯାଇଛି। ନିଖୋଜ ପରଠୁ ମହିଳା ଜଣକ ପୁରୀ ଯାଇ ସେଠାରେ ଏକ ହୋଟେଲରେ କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା।

# ଶାଳ କାଠ ଭର୍ତ୍ତି ପିକଅପ୍ ଜବତ : ଦୁଇ ଗିରଫ

ନୀଳଗିରି,(ସବ୍ୟୁ) :କୁଲଡ଼ିହା ରେଞ୍ଜର ସୁବ୍ରତ କୁମାର ବେହେରା ଏକ ଶାଳ କାଠ ଭର୍ତ୍ତି ପିକଅପ ଗାଡ଼ି ଯାଉଥିବାର ବିଶେଷ ସୂତ୍ରରୁ ଖବର ପାଇ ସଦଳ ବଳେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିବା ସହ ଶାଳ କାଠ ଭର୍ତ୍ତି ଗାଡ଼ିକୁ ଜବତ କରିଛନ୍ତି। ବାବୁ ନାୟକ ଓ ଜିତେନ୍ଦ୍ର ମଥାନ୍‌କୁ ଗିରଫ ହୋଇଥିବା ବେଳେ ୬୮ସିଫ୍ଟ ଶାଳ କାଠ ଜବତ କରାଯାଇଛି। ଏନେଇ ବନବିଭାଗ ପକ୍ଷରୁ କେଶ୍ ନମ୍ବର ୧୮କେ/୨୦୨୫–୨ ୬ଏକ ମାମଲା ରୁଜୁ କରାଯାଇଛି। ଦୁଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ୍‌ହାଜତକୁ ପଠାଇ ଦିଆଯାଇଛି।

# ସମୟ ପ୍ରଭାବ : ନିର୍ମାଣ ହେଲା ଟ୍ରାନ୍ସଫର୍ମର ପ୍ରାଚୀର

ଆଗରପଡ଼ା,(ସବ୍ୟୁ) :ସ୍ଥାନୀୟ କୃଷ୍ଣଚରଣ ବିଦ୍ୟାମନ୍ଦିର ପାର୍ଶ୍ୱରେ ବିପଦ ଶଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଥିଲା। ଯଦ୍ଦ୍ୱାରା ଏହା ସଂସ୍ପର୍ଶରେ ଆସି ଜୀବଜନ୍ତୁମାନେ ଆହତ ହେଉଥିଲେ। ଏହି ସଂପର୍କରେ ସମୟରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା ଓ ଇତି ମଧ୍ୟରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାର ପରିଲକ୍ଷିତ ହୋଇଛି।

# ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ବାର୍ଷିକ ଜାଭିୟର ଫେଷ୍ଟ–୨୦୨୬



ବେତନଟୀ ,(ସବ୍ୟୁ): ଏକ ବର୍ଣ୍ଣାଢ଼୍ୟ ସମାରୋହରେ ମଧ୍ୟରେ ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଉପକଣ୍ଠ ମହୁରୀସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ୮ମ ବାର୍ଷିକ ଜାଭିୟର ଫେଷ୍ଟ–୨୦୨୬ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଚେୟାରମ୍ୟାନ ଦୀପକ କୁମାର ସିଂହ ଏବଂ ପରିଚାଳନା ନିର୍ଦ୍ଦେଶିକା ରଶ୍ମୀରେଖା ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ଜାଭିୟର୍ସ ଫେଷ୍ଟ–୨୦୨୬ ର ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଯୋଗ ଦେଇ ନିଜ ଅଭିଭାଷଣରେ ବର୍ତ୍ତମାନର ଛାତ୍ର ଛାତ୍ରୀ ମାନଙ୍କୁ ଆଗାମୀ ଦିନରେ ନିଜର ଏକ ଉଜ୍ଜଳ ଭବିଷ୍ୟତ ଗଢିବା ପାଇଁ ଦୃଢ ଇଚ୍ଛାଶକ୍ତି ଓ ଉଦ୍ୟମ ଜାରି ରଖିବାକୁ କହିଥିଲେ ଯାହା ବଳରେ ସେମାନେ ଦିନେ ଆକାଶକୁ ଛୁଇଁ ପାରିବେ। ଅନ୍ୟପଟେ ଜାଭିୟାର୍ସ ପବ୍ଲିକ ସ୍କୁଲ ଭଳିଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ସହିତ ପିଲାଙ୍କୁ ସଂସ୍କାରିକ ଶିକ୍ଷା ଦିଆଯିବା ନେଇ ଭୁୟସୀ ପ୍ରଶଂସା କରିଥିଲେ ଓ ଏଇଠି ଅଧ୍ୟୟନରତ ପିଲାମାନେ ହିଁ ଆଗାମୀ ଦିନରେ ଦେଶର ଆଗାମୀ ଭବିଷ୍ୟତ, ଏଣୁ ସେମାନଙ୍କ ପ୍ରତି ଯଥେଷ୍ଟ ଯତ୍ନବାନ ହେବାକୁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସେହିଭଳି ସତନ୍ତ୍ର ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ସାମରିକ ଅଧିକାରୀ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଯୋଗ ଦେଇ ବିଦ୍ୟାଳୟର ଶୁଭ ମନାସିବା ସହିତ ଉପଯୁକ୍ତ ଶିକ୍ଷକ/ଶିକ୍ଷିକା ମାନଙ୍କୁ ନେଇ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ତେବେ ବାର୍ଷିକ ଉତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ମଞ୍ଚାସିନ ଅତିଥି, ଚେୟାରମେନ , ପରିଚାଳନା ନିର୍ଦ୍ଦେଶିକା ଓ ଅଧକ୍ଷାଙ୍କୁ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ପରେ ଅତିଥିମାନେ ଜଗନ୍ନାଥଙ୍କ ଫଟୋ ଚିତ୍ର ନିକଟରେ ଦ୍ୱୀପ ପ୍ରଜ୍ଜଳନ କରି ଥିଲେ । ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀ ମାନେ ଏକତ୍ର ହୋଇ ମଞ୍ଚରେ ହନୁମାନ ଚାଳିଶା ପଠନ କରିଥିଲେ ଓ ପରେ ଗୀତା ଶ୍ଳୋକ ଉଚ୍ଚାରଣ ପୂର୍ବକ ଶ୍ଳୋକର ମାର୍ମିକ ଅର୍ଥ ବ୍ୟାଖ୍ୟା କରିଥିଲେ । ସେହିଭଳି ରାମାୟଣର ରାମବନବାସକୁ ନେଇ ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଏକ ନୃତ୍ୟନାଟିକା ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । 'ଜାଭିଅର ଫେଷ୍ଟ–୨୦୨୬' ରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଦେବବ୍ରତ ବାରିକ ଓ ଶିକ୍ଷୟିତ୍ରୀ ଯୋଜନଗନ୍ଧା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚଳିତ ବର୍ଷ ଜେଭିୟାର୍ସ ଫେଷ୍ଟ–୨୦୨୬ରେ ବହୁ ମାନ୍ୟଗଣ୍ୟ ଅତିଥି , ଅଭିଭାବକ, ସାମ୍ବାଦିକ ଏବଂ ଅଞ୍ଚଳବାସୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ବିଭିନ୍ନ ଖେଳକୁଦ, ନୃତ୍ୟଗୀତ ଓ ଘୋଷକ/ଘୋଷିକା ଆଦି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ଗଣଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ଝ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ବିଶ୍ୱାଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ସେହିଭଳି ବିଦ୍ୟାଳୟର ଅଧକ୍ଷା ଇପ୍ସିତା କରଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ରଣଜିତ ନାୟକ, ଶିକ୍ଷୟିତ୍ରୀ ତୃପ୍ତି କୁମାରୀ, ସରସ୍ୱତୀ ଦାସ, ତନୁଶ୍ରୀ ମହାର୍ଣ୍ଣା, ଜ୍ୟୋତି ବାରିକ, ଜ୍ୟୋତିକ୍ରିଷ୍ଣା କାମିଳା ଓ ମନୀଷା ପରିଡାଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପରିଶେଷରେ ସେଣ୍ଟ ଜାଭିୟର୍ସ ସ୍କୁଲର ଉପାଧ୍ୟକ୍ଷା ସୋନାଲି ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରଲର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ସୋର,(ସବ୍ୟୁ): –ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ଏକ ଟ୍ରଲର ଧକାରେ ଜଣେ ବାଇକ ଚାଳକଙ୍କର ମୃତ୍ୟୁ ଘଟିଛି । ଅଞ୍ଜି ଗ୍ରାମର ରାଜେନ୍ଦ୍ର ରାଉତ (୪୨) ରବିବାର ରାତିରେ ନିଜର ଓଆର ୦୧ଆର ୯୮୩୭ ନମ୍ବର ବିଶିଷ୍ଟ ପେଶନ ପ୍ଲସ ବାଇକରେ ସୋରରୁ ଅଞ୍ଜି ଫେରୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ଏନଏଲ ୦୧ ଜେ ୫୫୩୯ ନମ୍ବର ବିଶିଷ୍ଟ ଟ୍ରଲର ତାଙ୍କ ବାଇକକୁ ଧକା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବାବେଳେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଜବତ କରିଥିବା ବେଳେ ଟ୍ରଲର ପିଛା କରି ତଳନଗର ନିକଟରେ ଟ୍ରଲର ଜବତ କରିବା ସହିତ ଏହାର ଚାଳକ ଏବଂ ଖଲାସୀଙ୍କୁ ଥାନାରେ ଅଟକ ରଖିଛି। ଏ ବାବଦରେ ରାଜେନ୍ଦ୍ରଙ୍କ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ କେଶ୍ ନମ୍ବର ୨୮୯/୨୬ ରେ ଏକ ମାମଲା ରୁଜୁ କରି ବାଲେଶ୍ୱର ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ବ୍ଲକସ୍ତରୀୟ 'ପ୍ରତିଭା ଅନ୍ୱେଷଣ' କାର୍ଯ୍ୟକ୍ରମ ଦିତୀୟ ପର୍ଯ୍ୟାୟ

କେନ୍ଦୁଝର, (ସବ୍ୟୁ):ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରୁ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଆରମ୍ଭ ହୋଇଛି ବ୍ଲକସ୍ତରୀୟ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ–୨୦୨୬। ଏହି କ୍ରମରେ ସୋମବାର ଦିନ କେନ୍ଦୁଝର ଜିଲ୍ଲାର ପାଞ୍ଚଟି ପ୍ରମୁଖ ସ୍ଥାନରେ ଦିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଧୀନରେ 'ଖୋ–ଖୋ' କ୍ରୀଡ଼ା ଚୟନ ପ୍ରକ୍ରିୟା ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ୬ ରୁ ୧୪ ବର୍ଷ ବୟସ୍କ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ଖୋ–ଖୋ ଖେଳ ପ୍ରତି ଥିବା ଆଗ୍ରହ ଦେଖିବାକୁ ମିଳିଥିଲା। ଅଭିଭାବକମାନେ ମଧ ବହୁ ସଂଖ୍ୟାରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ କ୍ରୀଡ଼ା ପ୍ରଶିକ୍ଷକ ଓ ଅଧିକାରୀମାନେ ପିଲାମାନଙ୍କର ଶାରୀରିକ ସାମର୍ଥ୍ୟ ଏବଂ ଖେଳ କୌଶଳର ପରୀକ୍ଷା କରିଥିଲେ।ଡି.ଡି. ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଶଙ୍କରପୁର, ନେହେରୁ ଷ୍ଟାଡିୟମ ଚମ୍ପୁଆ ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ଏହି କାର୍ଯ୍ୟକ୍ରମ ର ଦ୍ୱିତୀୟ ପର୍ଯ୍ୟାୟ ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ଚୟନ ପ୍ରକ୍ରିୟା ମାଧ୍ୟମରେ ଆଗାମୀ ଦିନରେ ଜିଲ୍ଲା ତଥା ରାଜ୍ୟ ପାଇଁ ଦକ୍ଷ ଖୋ–ଖୋ ଖେଳାଳି ସୃଷ୍ଟି ହୋଇପାରିବେ ବୋଲି କ୍ରୀଡ଼ା ବିଭାଗ ଆଶା ପ୍ରକାଶ କରିଛି।

# ଆଦର୍ଶ ଶିକ୍ଷକ ଉପେନ୍ଦ୍ର ସାରଙ୍କ ଶ୍ରଦ୍ଧାଞ୍ଜଳି ସଭା

ତିହିଡି,(ସବ୍ୟୁ): :ତିହିଡି ବ୍ଲକ ଅନ୍ତର୍ଗତ ସୟା ପଂଚାୟତର ବଳିଚଉରୀ ଗାଁର ବାସିନ୍ଦା ତଥା ଆଦର୍ଶ ଶିକ୍ଷକ ଉପେନ୍ଦ୍ର ମଳିକଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ପ୍ରକୃତି ବନ୍ଧୁ କୁମାର ଗଙ୍ଗାଧରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ସଂଘ ନେତା ଅକ୍ଷୟ ବାରିକ,ଶିକ୍ଷକ ସଂଘ ସଂପାଦକ ରମାକାନ୍ତ ଦାସ,ଶିକ୍ଷକ ସଂଘ ନେତା ମାୟାଧର ସାହୁ,ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ ମଳିକ,ଶିକ୍ଷକ ନିର୍ମଳ ଦାସ,ସମାଜସେବୀ ବିଷ୍ଣୁ ଦାସ,ସରପଂଚଙ୍କ ପ୍ରତିନିଧି ରବୀନ୍ଦ୍ର ଶତପଥୀ,ପ୍ରାକ୍ତନ ସେନା କର୍ମଚାରୀ ବଳରାମ ମଳିକ,ଚକ୍ରଧର ମଳିକ,ଶିକ୍ଷକ ରାଜେଶ ମଳିକ,ବିଜେପି ଯୁବନେତା କାହ୍ନୁ ଶତପଥୀ,ରମାକାନ୍ତ ମଳିକ, କଂଗ୍ରେସ ନେତା ଗଣେଶ ମଳିକ, ଆଇନଜୀବୀ ଅକ୍ଷୟ ମଳିକ,ରବୀନ୍ଦ୍ର ଦାସ,କରୁଣାକର ଦାସ,ବୁଧିରାମ ମଳିକ,ଉପେନ୍ଦ୍ର ଦାସ,ଅରୁଣ ମଳିକ,ଅମୂଲ୍ୟ ଦାସ,ଦିବାକର ମଳିକ ଓ ଦିନବନ୍ଧୁ ମଳିକ ପ୍ରମୁଖ ଯୋଗଦେଇଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶେଷରେ ତାଙ୍କ ଜ୍ୟେଷ୍ଠ ପୁତ୍ର ଅଜିତ ମଳିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ସହୀଦ ଦିବସରେ ଆମ ଆଦମୀ ପାର୍ଟିର ଶାନ୍ତିପୂର୍ଣ୍ଣ ପଦଯାତ୍ରା

କେନ୍ଦୁଝର, (ସବ୍ୟୁ) :ସହୀଦ ଦିବସ ଅବସରରେ ଆମ ଆଦମୀ ପାର୍ଟି ପକ୍ଷରୁ କାଳୀ ପଡିଆ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ଦଳର କର୍ମୀ ଓ ସମର୍ଥକମାନେ ବ୍ୟାପକ ଭାବେ ଯୋଗଦେଇ ସହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।ଏହି କାର୍ଯ୍ୟକ୍ରମଟି ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂଙ୍କ ନେତୃତ୍ୱରେ ସଂପନ୍ନ ହୋଇଥିଲା। ପଦଯାତ୍ରା ସମୟରେ ଦେଶପ୍ରେମ ଓ ଶହୀଦମାନଙ୍କ ତ୍ୟାଗକୁ ସ୍ମରଣ କରି ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା।ଏହି ଅବସରରେ ରାଜ୍ୟ ଆଦିବାସୀ ମୋର୍ଚ୍ଚାର ସଭାପତି ମେଘନାଥ ମାଝୀ, ଜିଲ୍ଲା ସମ୍ପାଦକ ଶୁଭଙ୍କର ମହାନ୍ତି, କେନ୍ଦୁଝର ନିର୍ବାଚନ ମଣ୍ଡଳୀ ସଭାପତି ଜୟକୃଷ୍ଣ ନାଏକ, ଜିଲ୍ଲା କୋଷାଧ୍ୟକ୍ଷ ସନ୍ତୋଷ ବାରିକ ସହ ଖଗେଶ୍ୱର ମହାନ୍ତ, ସୁଧୀର କୁମାର ମହାନ୍ତ, ଚିତ୍ତରଞ୍ଜନ ନାଏକ, ଗଣେଶ୍ୱର ପାତ୍ର, ଦିପୁ ମହାନ୍ତ ଓ ଅନ୍ୟାନ୍ୟ ନେତାମାନେ ଯୋଗଦେଇଥିଲେ।ପଦଯାତ୍ରା ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସମସ୍ତେ ଏକତ୍ରିତ ହୋଇ ସହୀଦମାନଙ୍କ ପ୍ରତି ନିରବ ପ୍ରାର୍ଥନା କରିଥିଲେ ଏବଂ ଦେଶ ପାଇଁ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ।

# ସହିଦ୍ ଭଗତ୍ ସିଂ ସ୍ମୃତି ସଂସଦ ପକ୍ଷରୁ ଫାଶୀ ଦିବସ ପାଳନ

ଭଦ୍ରକ,(ସବ୍ୟୁ): ମହାନ କ୍ରାନ୍ତିକାରୀ ଭଗତ୍ ସିଂ,ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ଫାଶୀ ଦିବସ ଭଦ୍ରକ ସହର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ଠାରେ ସହୀଦ ଭଗତ୍ ସିଂ ସ୍ମୃତି ସଂସଦ ଓ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ପକ୍ଷରୁ ମିଳିତ ଭାବେ ସ୍ମୃତି ସଂସଦର ସଭାପତି ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ମହାସମାରୋହରେ ସ୍ମୃତି ସଂସଦର ସଂପାଦକ ଯୁବ ଆଇନଜୀବୀ ବିକାଶ ନାଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ପାର୍ଥସାରଥି ଦାଶ ଯୋଗଦେଇ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକା ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ କେନ୍ଦ୍ର ସରକାରଙ୍କ ନବ୍ୟଫାଶୀବାଦ ଶାସନ ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦୀପକ ମହାପାତ୍ର,ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲମକ୍କି ଦଲୱାଜି ହବିବ୍,ଭଦ୍ରକ ଓକିଲ ସଂଘର ସଭାପତି ସନ୍ତୋଷ ଆଚାର୍ଯ୍ୟ,ଭଦ୍ରକ ଓକିଲ ସଂଘର ଉପସଭାପତି ଅଶୋକ କୁମାର ନାୟକ,ପ୍ରଫେସର କ୍ଷୀରୋଦ ସାମଲ,ଶିକ୍ଷାବିତ୍ ବିପ୍ଳବୀ ମହାନ୍ତି,ଶିକ୍ଷାବିତ୍ ପ୍ରଫେସର କୃଷ୍ଣ ମୋହନ ମହାପାତ୍ର,ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନର ଜିଲ୍ଲା ସଂଗଠକ ଉଜ୍ଜ୍ୱଳ ଜେନା,ଯୁବନେତା ବିନୋଦ ସାହୁ,ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା,ରାଜ୍ୟ ବାର୍ କାଉନସିଲର ପୂର୍ବତନ ସଭ୍ୟ ପବନ କୁମାର ଶର୍ମା,ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ,ବରିଷ୍ଠ ଆଇନଜୀବୀ ରାଧାନାଥ ଦାସ,ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି,ବରିଷ୍ଠ ଆଇନଜୀବୀ ହରିହର ଧଳ,ଆଇନଜୀବୀ ପ୍ରତାପ ସେଠୀ,ଆଇନଜୀବୀ ରଞ୍ଜନ ପଣ୍ଡା,ଯୁବନେତା ସେକ୍ ସନାଉଲ୍ଲା,ଆଇନଜୀବୀ ବିଚିତ୍ରାନନ୍ଦ ଯେନା ପ୍ରମୁଖ ଯୋଗଦେଇ ଆଜିର ଯୁବପିଢି ଭଗତ୍ ସିଂଙ୍କ ଆଦର୍ଶରେ ଆଦର୍ଶିତ ହୋଇ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲର ସାମ୍ରାଜ୍ୟବାଦ ଓ ଯୁଦ୍ଧଖୋର ନୀତି ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ।

# ଏମଏଫ ବିଶ୍ୱବିଦ୍ୟାଳୟରେ ୩ ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ



ବାଲେଶ୍ୱର,(ସବ୍ୟୁ): ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ଓ ବାୟୁମଣ୍ଡଳୀୟ ବିଜ୍ଞାନର ସୀମାନ୍ତ ଉନ୍ନତି ବିଷୟକ ୩ ଦିନିଆ ଜାତୀୟ ସମ୍ମିଳନୀର ଉଦ୍ଘାଟନୀ ଅଧିବେଶନ ଆରମ୍ଭ ହୋଇଛି। ଏହି ସମ୍ମିଳନୀ ଭାରତର ବିଭିନ୍ନ ପ୍ରାନ୍ତର ପ୍ରଖ୍ୟାତ ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ ଓ ଛାତ୍ରଛାତ୍ରୀମାନେ ସମାଗମ ହୋଇ ଭୌତିକ ଓ ବାୟୁମଣ୍ଡଳୀୟ ବିଜ୍ଞାନର ନୂତନ ପ୍ରବଣତା ଓ ନବୀନତା ବିଷୟରେ ଆଲୋଚନା କରିବାର ସୁଯୋଗ ସୃଷ୍ଟି କରିପାରିଛି । ମୁଖ୍ୟପୃଷ୍ଠପୋଷକ ଓ ଅଧ୍ୟକ୍ଷ ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ ବହୁବିଷୟକ ଗବେଷଣା ପ୍ରୟାସର ଗୁରୁତ୍ୱକୁ ଉଲ୍ଲେଖ କରି ସର୍ବୋଚ୍ଚ ସଂସ୍ଥାମାନଙ୍କ ସହ ସହଯୋଗିତାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ। ସେ ଅବଗତ କରାଇଥିଲେ ଯେ ଜ୍ଞାନ ବିନିମୟ, ଅନୁଭୂତିମୂଳକ ଶିକ୍ଷା ଓ ଗ୍ଲୋବାଲ୍ ପରିପ୍ରେକ୍ଷିତରେ ପ୍ରୟୋଗ ଆଧାରିତ ଗବେଷଣାର ଉନ୍ନତି ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ। ମୁଖ୍ୟ ଅତିଥି ଭାବେ ଡକ୍ଟର ରାମାନୁଜ ନାରାୟଣ, ନିର୍ଦ୍ଦେଶକ, (ସି.ଏସ.ଆଇ.ଆର – ଆଇ.ଏମ.ଏମ.ଟି) ଭୁବନେଶ୍ୱର, ଯୋଗଦେଇ ତାଙ୍କ ଉଦ୍‌ବୋଧନରେ ଗବେଷକ ଓ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାରେ ସରଳତା ଅନୁସରଣ କରି ବ୍ୟବହାରିକ ପ୍ରୟୋଗରେ ଗୁରୁତ୍ୱ ଦେବାକୁ ପ୍ରେରିତ କରିଥିଲେ। ସେ ଆଧୁନିକ ସମସ୍ୟାର ସମାଧାନ ପାଇଁ ଅନ୍ତର୍ବିଷୟକ ବୈଜ୍ଞାନିକ ଅଧ୍ୟୟନର ଗୁରୁତ୍ୱକୁ ଆଲୋକିତ କରିଥିଲେ।ମୁଖ୍ୟବକ୍ତା ଭାବେ ୟୁଜିସି–ଡିଏଇ ସିଏସଆର, କୋଲକାତା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ସନ୍ଦୀପ ଏସ୍. ଘୁଗ୍ରେ ଯୋଗଦେଇ, ପଦାର୍ଥ ବିଜ୍ଞାନ ଓ ସଂଲଗ୍ନ କ୍ଷେତ୍ରର ଭବିଷ୍ୟତ ସମ୍ଭାବନା ବିଷୟରେ ଆଲୋଚନା କରି ଅତ୍ୟାଧୁନିକ ଗବେଷଣା କ୍ଷେତ୍ର ଓ ପ୍ରଯୁକ୍ତିଗତ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ବୈଜ୍ଞାନିକ ଅନ୍ୱେଷଣକୁ ନୂତନ ଦିଗ ଦେବ।ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ସୁବୋଧ କୁମାର ନାୟକ, ନିର୍ଦ୍ଦେଶକ, (ପିଏକ୍ସଇ, ଡିଆରଡିଓ, ଚାନ୍ଦିପୁର) ନିଜ ଅଭିଭାଷଣରେ , ଜ୍ଞାନର ସୀମାହୀନ ସ୍ୱଭାବକୁ ଉଲ୍ଲେଖ କରି ଆଧୁନିକ ସ୍ୱୟଂଚାଳନ ପ୍ରଣାଳୀରେ କୃତ୍ରିମ ବୁଦ୍ଧିମତା ଓ ରୋବୋଟିକ୍ସର ବୃଦ୍ଧିଶୀଳ ଭୂମିକାକୁ ଉପସ୍ଥାପନ କରିଥିଲେ। ସେ ଉନ୍ନତ ଭୌତିକ ବିଜ୍ଞାନର ଭବିଷ୍ୟତ ଗଢ଼ି ତୋଳୁଥିବା ନୂତନ ସିଦ୍ଧାନ୍ତମାନଙ୍କ ଗ୍ରହଣଶୀଳତା ପ୍ରତି ଅବଗତ କରାଇଥିଲେ।ସମ୍ମାନୀତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ତାଙ୍କ ଅଭିଭାଷଣରେ ସଂସ୍ଥାଗୁଡ଼ିକରେ ଦୃଢ଼ ଗବେଷଣା ସଂସ୍କୃତି ଓ ନବୋନ୍ମେଷ ଶିକ୍ଷା ପରିବେଶ ଗଢ଼ି ତୋଳିବାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ। ସମ୍ମିଳନୀର ଆରମ୍ଭରେ ସମ୍ମିଳନୀର ସମନ୍ୱୟକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଭାଷଣ ରଖି ବିଶିଷ୍ଟ ଅତିଥି ଓ ଅଂଶଗ୍ରାହୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସମ୍ମିଳନୀରେ ଆଠଟି ବୈଷୟିକ ଅଧିବେଶନରେ ୮୫ ଟି ଗବେଷଣା ପତ୍ର ଉପସ୍ଥାପିତ କରାଯିବା ନେଇ ସୂଚୀତ କରିଥିଲେ। ସହାୟକ ଅଧ୍ୟାପକ ଡକ୍ଟର ବିବେକାନନ୍ଦ ନାୟକ ସମ୍ମିଳନୀର ଉଦ୍ଦେଶ୍ୟ ଉପସ୍ଥାପନା କରି ଜ୍ଞାନ ବିନିମୟ, ନବୋତ୍ପାଦନ ପ୍ରୋତ୍ସାହନ ଓ ସହଯୋଗମୂଳକ ଗବେଷଣାକୁ ବୃଦ୍ଧି କରିବାରେ ଏହାର ମୁଖ୍ୟ ଭୂମିକାକୁ ଉଲ୍ଲେଖ କରିଥିଲେ ଓ ସହ–ସମନ୍ୱୟକ ସହାୟକ ଅଧ୍ୟାପକ ଡକ୍ଟର ରାଜୀବ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

# ମା' ତାରିଣୀଙ୍କ ଦର୍ଶନ କଲେ ସାଂସଦ ଦିଲ୍ଲୀପ ରାୟ




କେନ୍ଦୁଝର/ଘଟଗାଁ (ସବ୍ୟୁ): ନବ ନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟଏବଂ ତାଙ୍କ ପତ୍ନୀ ପୂଜା ରାୟ ଶନିବାର ଘଟଗାଁ ଗସ୍ତରେ ଆସି କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ଦର୍ଶନ କରିଛନ୍ତି ପୀଠରେ ପୂଜାର୍ଚ୍ଚନା କରିବା ସହ ମା'ଙ୍କର ଆଶିଷ ଭିକ୍ଷା କରିଛନ୍ତି । ସାଂସଦ ଶ୍ରୀ ରାୟ ରବିବାର ସକାଳେ ସପରିବାରେ ଘଟଗାଁରେ ପହଞ୍ଚି ସିଧାସଳଖ ମା'ଙ୍କ ପୀଠକୁ ଯାଇଥିଲେ । ବରିଷ୍ଠ ପୂଜକ ଶରତ ଦେହୁରୀ ଦେବୀଙ୍କ ନିକଟରେ ଭୋଗ ଲାଗି କରିବା ସହ ସାଂସଦଙ୍କୁ ମା'ଙ୍କ ଆଳତି ଅର୍ପଣ କରିଥିଲେ ମାନସିକ କରି ମା'ଙ୍କ ନିକଟରେ ୨୧୬ଟି ନଡ଼ିଆ ଅର୍ପଣ କରାଯାଇଥିଲା। ମନ୍ଦିର ପରିଚାଳନା ବୋର୍ଡ଼ର ପୂର୍ବତନ ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂହ, ନବନିଯୁକ୍ତ କେନ୍ଦୁଝର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ରୁଦ୍ର ପ୍ରସାଦ ବେହେରା, ଘଟଗାଁ ମଣ୍ଡଳ ସଭାପତି ରବୀନ୍ଦ୍ର କୁମାର ଦେହୁରୀ, ମକରଧ୍ୱଜ ବେହେରା, ଘଟଗାଁ ବିଡିଓ ଖଗେଶ୍ୱର ବରାଳ ପ୍ରମୁଖ ଉପସ୍ଥିତ ଥିଲେ ଦର୍ଶନ ପରେ ଶ୍ରୀ ରାୟ କିଛି ସମୟ ପାଇଁ ଡାକବଙ୍ଗଳାରେ ଅବସ୍ଥାନ କରି ଭୁବନେଶ୍ୱର ଫେରି ଯାଇଥିଲେ ।

